# ରାଉରକେଲାରେ ଅଯୋଧ୍ୟା ରାମ ମନ୍ଦିର ପ୍ରତିଷ୍ଠାର ମାହୋଲ






**ରାଉରକେଲା, ୨୨।୧(ସମିସ)**

ଅଯୋଧ୍ୟାରେ ରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଓ ରାମଲାଲାଙ୍କ ବିଗ୍ରହ ପ୍ରାଣ ପ୍ରତିଷ୍ଠାକୁ ନେଇ ରାଉରକେଲା ସହର ରାମମୟ ହୋଇପଡ଼ିଛି। ଭଗବାନ ରାମଙ୍କ ଭଜନକୀର୍ତ୍ତନରେ ସାରା ସହର ପ୍ରକମ୍ପିତ ହୋଇଛି। ସହରର ମୁଖ୍ୟ ମାର୍ଗ ସମେତ ବିଭିନ୍ନ ସ୍ଥାନରେ ହନୁମାନ ଓ ରାମଙ୍କ ଚିତ୍ର ଥିବା ପତାକା ଲଗାଯାଇଥିବା ଦେଖିବାକୁ ମିଳିଛି। ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ କରାଯାଇଥିଲା। 'ଜୟ ଶ୍ରୀରାମ' ଧ୍ୱନିରେ ସମଗ୍ର ସହର ଗୁଞ୍ଜରିତ ହୋଇଥିଲା। ସହରର ଅନ୍ୟତମ ଅନୁଷ୍ଠାନ ସ୍ମାଇଲ୍ ଫର୍ ଏଭର ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ୧୨ ଫୁଟ୍ ଲମ୍ବ, ୧୨ ଫୁଟ୍ ଚଉଡ଼ା ଏବଂ ୫ ଫୁଟ୍ ୩ ଇଞ୍ଚ ଗଭୀରର ଏକ ବୃହତ୍ ଦୀପକୁ ସହର ପରିକ୍ରମା କରାଯାଇଥିଲା। ସୋମବାର ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ହନୁମାନ ବାଟିକାରେ ଏହି ଦୀପ ସ୍ଥାପନ କରାଯାଇଥିଲା। ଦୀପରେ ପ୍ରାୟ ୬ ହଜାର ୫୦୦ ଲିଟର ଘିଅ ରହିବା କ୍ଷମତା ରହିଛି। ଦୀପ ପାଇଁ କଟକରୁ ୩୪ ଫୁଟର ସଳିତା ମଧ୍ୟ ପ୍ରସ୍ତୁତ କରାଯାଇ ଅଣାଯାଇଥିଲା। ଏହି ଦୀପ ପାଇଁ ସହରବାସୀ ଘିଅ ପ୍ରଦାନ କରିଥିଲେ। ଦୀପଟି ନିରନ୍ତର ୪୫ ଦିନ ଜଳିବ ବୋଲି କୁହାଯାଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା କମିଟି ଅଧ୍ୟକ୍ଷ ଦିଲୀପ ରାୟ ସକାଳେ ମେଫେୟାର ହକି ଭିଲେଜ୍‌ର ଗେଟ୍ ନମ୍ବର ୧ ସମ୍ମୁଖରୁ ସବୁଜ ପତାକା ଦେଖାଇ ଦୀପ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ସେଠାରୁ ଶୋଭାଯାତ୍ରା ମାଧ୍ୟମରେ ଦୀପକୁ ବିମାନବନ୍ଦର ଛକ, ବିପିୟୁଟି ଛକ, ଛେଣ୍ଡ ଛକ, ଡିଏଭି ଛକ, ହନୁମାନ ବାଟିକା ଛକ ଦେଇ ହନୁମାନ ବାଟିକା ଅଣାଯାଇଥିଲା। ଶୋଭାଯାତ୍ରାରେ ୨ କିମି ପର୍ଯ୍ୟନ୍ତ ତ୍ରିରଙ୍ଗା ସହ ପ୍ରଭୁ ଶ୍ରୀରାମଙ୍କ ପ୍ରତିମୂର୍ତ୍ତି ମଧ୍ୟ ରହିଥିଲା। ହନୁମାନ ବାଟିକାରେ ଦୀପ ପହଞ୍ଚିବା ପରେ ସନ୍ଧ୍ୟା ୫ଟାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାୟ ଏହାକୁ ପ୍ରଜ୍ୱଳିତ କରିଥିଲେ। ହନୁମାନ ବାଟିକା ମାର୍କେଟ କମିଟି ପକ୍ଷରୁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମରେ ଶତାଧିକ ଲୋକ ସାମିଲ ହୋଇଥିଲେ।

> ହନୁମାନ ବାଟିକାରେ ଜଳିଲା ବିଶାଳ ଦୀପ
> ଗଳିରୁ ମୁଖ୍ୟ ରାସ୍ତା ଯାଏଁ ରାମଙ୍କ ଭଜନ

ସେହିପରି ହନୁମାନ ବାଟିକରେ ଥିବା ୨୧ଟି ମନ୍ଦିରକୁ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ଅପରପକ୍ଷେ ରାଉରକେଲା ସହରର ଅନେକ ସାମାଜିକ ସଂଗଠନ ତଥା ଧାର୍ମିକ ସଂଗଠନ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ କରାଯିବା ସହ କେତେକ ସ୍ଥାନରେ ରାମାୟଣ ପାଠ, ହନୁମାନ ଚାଳିସା ପାଠ ସମେତ କୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ରାଉରକେଲା ରେଳ ଷ୍ଟେସନ ନିକଟ ସଙ୍କଟ ମୋଚନ ମନ୍ଦିରରେ ସୁନ୍ଦରାକାଣ୍ଡ ପାଠ ସହ ଧାର୍ମିକ କାର୍ଯ୍ୟକ୍ରମ କରାଯାଇଥିଲା। ମଧ୍ୟାହ୍ନରେ ପ୍ରସାଦ ସେବନ ଆୟୋଜନ କରାଯାଇଥିଲା। ସେହିଭଳି ସହରର ମୁଖ୍ୟ ରାସ୍ତାରେ ଥିବା ଜୈନ ମନ୍ଦିର ନିକଟରେ ଯୁବ ବ୍ୟବସାୟୀ ସଂଘ ଦ୍ୱାରା ଅଯୋଧ୍ୟା ରାମ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ବଡ଼ ପରଦାରେ ପ୍ରଦର୍ଶିତ ହୋଇଥିଲା। ବ୍ୟବସାୟୀ ସଂଘ ଦ୍ୱାରା ରାମ ଦରବାରକୁ ଫୁଲରେ ସଜ୍ଜିତ କରାଯାଇଥିଲା। ସେହିଭଳି ରାମ ଦାରବାର ଭକ୍ତଙ୍କ ପାଇଁ ପ୍ରସାଦ ସେବନ ଆୟୋଜନ କରାଯାଇଥିଲା। ସେହିଭଳି ବିର୍ସା ଡାହାର ରୋଡ୍ ମନୋକାମନା ସିଦ୍ଧ ହନୁମାନ ମନ୍ଦିର ବିର୍ସା ଡାହାର ପରିବାର ତରଫରୁ ସୁନ୍ଦରକାଣ୍ଡ ପାଠ କରାଯିବା ସହ ଭକ୍ତଙ୍କୁ ପ୍ରସାଦ ବିତରଣ କରାଯାଇଥିଲା। ସନ୍ଧ୍ୟାରେ ସ୍ଥାନୀୟ ଭଜନ ଗାୟକମାନଙ୍କ ଦ୍ୱାରା ସୁମଧୁର ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡେଲି ମାର୍କେଟ ନବଯୁବକ ସଂଘ ପକ୍ଷରୁ ରାମ ଦରବାରକୁ ସଜ୍ଜିତ କରାଯିବା ସହ ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ହରିୟାନା ଭବନ ସମ୍ମୁଖରେ ଲୋକଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ପାନପୋଷ ବସ୍ତି ରାମ ମନ୍ଦିର କମିଟି ପକ୍ଷରୁ ସୁନ୍ଦରାକାଣ୍ଡ ପାଠ ସହ ପ୍ରସାଦ ବିତରଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

ରାଉରକେଲା ସହର ସମେତ ଇସ୍ପାତ ସହରାଞ୍ଚଳରେ ଅଯୋଧ୍ୟା ରାମ ମନ୍ଦିର ପ୍ରତିଷ୍ଠାକୁ ନେଇ ଅନେକ ଧାର୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସହରକୁ ଦୀପାବଳି ପରି ସଜ୍ଜିତ କରାଯାଇଥିଲା। ଲୋକେ ପରସ୍ପରକୁ ଲଡ୍ଡୁ ଖୁଆଇ ଅଭିନନ୍ଦନ ଜଣାଇଥିଲେ। ସହରରେ ଦୀପାବଳିର ବାତାବରଣ ଥିବା ପରି ଲାଗୁଥିଲା।

## କୁଳକର୍ଣ୍ଣି ଆଶୁତୋଷ ସି. ହେଲେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ



**ରାଉରକେଲା, ୨୨।୧(ସମିସ):** କୁଳକର୍ଣ୍ଣି ଆଶୁତୋଷ ସି. ହେଲେ ରାଉରକେଲାର ନୂତନ ଅତିରିକ୍ତ ଜିଲ୍ଲାପାଳ ତଥା ରାଉରକେଲା ମହାନଗର ନିଗମ କମିଶନର। ରାଜ୍ୟ ସରକାର ଆଜି ସନ୍ଧ୍ୟାରେ ଆଇଏଏସ ସ୍ତରରେ ଅଦଳବଦଳ କରିଥିବା ପରିପ୍ରେକ୍ଷୀରେ ଆରଏମସି କମିଶନର ତଥା ସ୍ମାର୍ଟ ସିଟି ସିଇଓ, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କ ଯାଜପୁର ଜିଲ୍ଲାପାଳ ଭାବେ ବଦଳି ହୋଇଛି। ତାଙ୍କ ସ୍ଥାନରେ ବ୍ରହ୍ମପୁର ଉପଜିଲ୍ଲାପାଳ ୨୦୨୦ ବ୍ୟାଚ୍ ଆଇଏଏସ ଅଫିସର କୁଳକର୍ଣି ଆଶୁତୋଷ ସି.ଙ୍କୁ ରାଉରକେଲା ବଦଳି କରାଯାଇଛି। ତାଙ୍କୁ ପଦୋନ୍ନତି ମିଳିଥିବା ବେଳେ ଆରଏମସି କମିଶନର ଭାବେ ନିଯୁକ୍ତି ଦିଆଯାଇଛି। ଏହାସହ ରାଉରକେଲା ସ୍ମାର୍ଟ ସିଟି ସିଇଓ, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଓ ଆରଡିଏ ସଚିବ ଅତିରିକ୍ତ ଦାୟିତ୍ୱ ମଧ୍ୟ ଦିଆଯାଇଥିବା ବିଜ୍ଞପ୍ତି ପ୍ରକାଶ ପାଇଛି।

## ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ



**ବଣାଇଁ, ୨୨।୧(ସମିସ):** ବଣାଇଁ ବ୍ଲକ ବଡ଼ ଗୋଗୁଆ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ପାଳିତ ହୋଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ଝସକେତନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସିହିଡିହା ଯଦୁପତି ମହାବିଦ୍ୟାଳୟ ରସାୟନ ବିଜ୍ଞାନ ଅଧ୍ୟାପକ ପ୍ରଶାନ୍ତ କିଶୋର ଚଇନୀ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବିଆରସିସି ପୂର୍ଣ୍ଣଚନ୍ଦ୍ର ଦଣ୍ଡିଆ, ଯଶୋବନ୍ତ ସେଠୀ, ଅବସରପ୍ରାପ୍ତ ଶିକ୍ଷକ ଜ୍ଞାନଦାଶ ସାଥୁଆ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚିଦାନନ୍ଦ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ଉତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ପ୍ରଫୁଲ୍ଲ ସାହୁ ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ସାହିତ୍ୟ, ସୃଜନୀ, କୌଶଳି, ଜିଜ୍ଞାସା ଓ କ୍ରୀଡ଼ାଙ୍ଗନା କ୍ଲବ ଛାତ୍ରଛାତ୍ରୀମାନେ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ଛାତ୍ରଛାତ୍ରୀମାନେ ପୁସ୍ତକ ରଚନା କରି ନିଜ ସୃଜନଶୀଳତା ପ୍ରଦର୍ଶନ କରିବା ସହ ନିଜ ଚିନ୍ତାଧାରା ଓ ଭାବନାକୁ ପରିପୃଷ୍ଟ କରିପାରୁଛନ୍ତି। ଏହି ଅବସରରେ ବିଦ୍ୟାଳୟ ପରିସରରେ ମୋ କଥା ମୋ କାହାଣୀ ପୁସ୍ତକକୁ ନେଇ ଏକ ପୁସ୍ତକ ମେଳା ପ୍ରଦର୍ଶନ କରିବା ସହ ବିଭିନ୍ନ କ୍ଲବ୍‌ର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରେବତୀ ମୋହନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।






● ରାଉରକେଲା ହକର୍ସ ଆସୋସିଏସନ ପକ୍ଷରୁ ୧୦୮ ପ୍ରଦୀପ ପ୍ରଜ୍ୱଳନ

## ଜୟଶ୍ରୀରାମ ଧ୍ୱନିରେ ପରିବେଶ ପ୍ରକମ୍ପିତ




**ରାଉରକେଲା,୨୨।୧(ସମିସ):** ଅଯୋଧ୍ୟାରେ ରାମଲାଲା ପ୍ରତିମୂର୍ତ୍ତି ପ୍ରତିଷ୍ଠା ଦିବସକୁ ରାଉରକେଲା ହକର୍ସ ଆସୋସିଏସନ ପକ୍ଷରୁ ନୂଆ ବସଷ୍ଟାଣ୍ଡ ୧ ନମ୍ବର ପଏଣ୍ଟଠାରେ ଏକ ଆଧ୍ୟାତ୍ମିକ ବାତାବରଣରେ ପାଳନ କରାଯାଇଛି। ପ୍ରଭୁ ଶ୍ରୀରାମଙ୍କ ତୈଳଚିତ୍ର ସାଙ୍ଗକୁ ବଜରଙ୍ଗବାଲିଙ୍କ ପତାକା ରଖାଯାଇ ଏହାର ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ୧୦୮ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଜୟଶ୍ରୀରାମ ଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇଥିଲା। 'ସକାଳ' ପରିବାର ପକ୍ଷରୁ ପ୍ରଫୁଲ ଷଡ଼ଙ୍ଗୀ ଯୋଗଦେଇ ନଡ଼ିଆ ଭାଙ୍ଗିବା ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ରାଉରକେଲା ହକର୍ସ ଆସୋସିଏସନର ୧ ନମ୍ବର ବିତରଣ ପଏଣ୍ଟର ସାଧାରଣ ସମ୍ପାଦକ କିଶୋର କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ 'ସକାଳ' ପରିବାର ପକ୍ଷରୁ ଜୟଦେବ ପଣ୍ଡାଙ୍କ ସମେତ ଆସୋସିଏସନର ୧ ନମ୍ବର ବିତରଣ ପଏଣ୍ଟର ଆର୍ତ୍ତତ୍ରାଣ ବେହେରା, ଅଶୋକ ସାହୁ, ପୂର୍ଣ୍ଣଚନ୍ଦ୍ର ବେହେରା, ନୀଳମଣି ନନ୍ଦ, ନିରଞ୍ଜନ ଦାସ, ୨ ନମ୍ବର ବିତରଣ ପଏଣ୍ଟର ଅଶୋକ ବିଶ୍ୱାଳ, ଶୁକେନ୍ଦୁ ପାତ୍ର, କାର୍ଯ୍ୟକାରୀ ସମ୍ପାଦକ ମନୋଜ ପଟ୍ଟନାୟକ, ସନାତନ ମହାନନ୍ଦ, ସମୀର ରାଜହଂସ, ବିଚିତ୍ର ବାରିକ, ମହେଶ୍ୱର ସ୍ୱାଇଁ, ଶଶଧର ପଣ୍ଡା, ବିଷ୍ଣୁ ସେଠୀ, କେଶବ ଜେନା, ପ୍ରଦୀପ କଂସାରୀ, ଗୋଲଖ ସାହୁ, ରାଜକିଶୋର ନାୟକ ଓ ସମସ୍ତ ବିତରକ ଉପସ୍ଥିତ ଥିଲେ। ପରେ ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

## ବିଭିନ୍ନ ବିଦ୍ୟାଳୟରେ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ



**ବିଶ୍ରା,୨୨।୧(ସମିସ):** ବିଶ୍ରା ବ୍ଲକ ମନକୋ ପଞ୍ଚାୟତ ବାରସୁଆଁ ଉଚ୍ଚ ବିଦ୍ୟାଳୟର ପରିସରରେ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ପାଳିତ ହୋଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀନିବାସ ଭୂୟାଁ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବିଶ୍ରା ଏବିଇଓ ସତ୍ୟଭାମା ବେହେରା, ମୁଖ୍ୟବକ୍ତା ଭାବେ ସୁବୋଧ ରାଉତରାୟ ମହାବିଦ୍ୟାଳୟର ଅଧ୍ୟାପକ ଅଭୟ ପୃଷ୍ଟି, ସମ୍ମାନିତ ଅତିଥି ଭାବେ ସମାଜସେବୀ ଚତୁର୍ଭୁଜ ଜେନା, ନାଟ୍ୟକାର ନନ୍ଦକିଶୋର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ବିଷ୍ଣୁ ମୋହନ ନାଏକ ଅତିଥି ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମର ବିବରଣୀ ପାଠ କରିଥିଲେ। ଶିକ୍ଷକ ବୈକୁଣ୍ଠ ବେହେରା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିକ୍ଷକ ଅମରେଶ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଶିକ୍ଷକ ପ୍ରଭାତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ■ ବିଶ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ

ଯୋଡ଼ାବନ୍ଧସ୍ଥିତ ବିଶ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷୟିତ୍ରୀ ମମତା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭାଷା ସାହିତ୍ୟ ଓ ସୃଜନଶୀଳତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏବିଇଓ ସତ୍ୟଭାମା ବେହେରା, ସମ୍ମାନିତ ଅତିଥି ଭାବେ ଆଲୁମ୍‌ନି ସଦସ୍ୟ ମଞ୍ଜୁରାଲ ହୁସେନ, ସିଆରସିଏସ ଚିତ୍ତରଞ୍ଜନ ଦାସ, ଏସଡିସି ସଦସ୍ୟ ସବା ପରବିନ ଯୋଗଦେଇଥିଲେ। ଶିକ୍ଷକ ବିଦ୍ୟାଧର ସେଠୀ ଛାତ୍ରଛାତ୍ରୀଙ୍କ ପ୍ରତିଭା ଏବଂ ସୃଜନଶୀଳତାକୁ ଉତ୍ସାହିତ କରିବା ପାଇଁ କାର୍ଯ୍ୟକ୍ରମ କରାଯାଉଥିବା ଆକାଂକ୍ଷା ପାଠ୍ୟକ୍ରମ ଅଧୀନରେ ପ୍ରଚଳିତ ହୋଇଥିବା ପ୍ରକଳ୍ପ ମାଧ୍ୟମରେ ଛାତ୍ରଛାତ୍ରୀମାନେ ପ୍ରଦର୍ଶିତ କରିଥିଲେ। ଏହି ଅବସରରେ ବ୍ରାହ୍ମଣୀ ହାଉସ ଅଫ ଦି ଇୟର ପୁରସ୍କୃତ ହୋଇଥିଲା। ବିଦ୍ୟାଧର ସେଠୀ ସଭା ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

### ■ ବିଶ୍ରା ବାଳିକା ବିଦ୍ୟାଳୟ

ବିଶ୍ରା ବାଳିକା ବିଦ୍ୟାଳୟ ପରିସରରେ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ପ୍ରଧାନଶିକ୍ଷୟିତ୍ରୀ ମାନସୀ ସାହୁଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଶ୍ରା ବ୍ଲକ ଉପାଧ୍ୟକ୍ଷା ତରନୁମ ସବା, ବିଶ୍ରା ସରପଞ୍ଚ ସୂରଜ୍ ନାଏକ, ପୂର୍ବତନ ସରପଞ୍ଚ ସୋମା ମୁଣ୍ଡା, ସାମ୍ବାଦିକ ଶ୍ରୀନିବାସ ଭୂୟାଁ ଯୋଗଦେଇଥିଲେ। ଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ସାହିତ୍ୟ ସୃଜନୀ, କୌଶଳି, କ୍ରୀଡ଼ାଙ୍ଗନା ଏବଂ ଜିଜ୍ଞାସା ଉପରେ ଆଧାରିତ ବିଭିନ୍ନ ପ୍ରକଳ୍ପ ଦେଖି କୃତୀ ଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ସବିତା ପଟ୍ଟା, ରେଖା ମିଶ୍ର, ସୁନନ୍ଦା ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ସୌଭିଦ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## Computer Application ରେ Ph.D. ଲାଭ



ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ରାୟଗଡା ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ମୁଖ୍ୟ ତଥା ଅଧ୍ୟାପକ ସଂଗ୍ରାମ କେଶରୀ ନାୟକ Sri Satya Sai University of Technology and Medical Sciences, Sehore (MP)ରୁ Computer Application ରେ ସମ୍ମାନଜନକ ଭାବେ ଡ଼କ୍ଟରେଟ ଉପାଧି ଲାଭ କରିଛନ୍ତି | ସେ ଏହି ବିଶ୍ୱବିଦ୍ୟାଳୟର Computer Application ବିଭାଗର Associate Professor ଡ଼କ୍ଟର ନରେନ୍ଦ୍ର ଶର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣାତ୍ମକ ସନ୍ଦର୍ଭ "Develop a Model for Energy Balancing and Reliable Communication for Green IoT" ଶୀର୍ଷକରେ Ph.D. ଉପାଧି ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି | ଉକ୍ତ ସନ୍ଦର୍ଭଟି Siksha 'O' Anusandhan University, Bhubaneswar ର Associate Professor ଡ଼କ୍ଟର ଭୁପେନ୍ଦ୍ର କୁମାର ଗୁପ୍ତାଙ୍କ ଦ୍ୱାରା ପରୀକ୍ଷିତ ହେବା ସହ ଉଚ୍ଚ ପ୍ରଶଂସିତ ହୋଇଅଛି | ଡ଼କ୍ଟର ନାୟକ ପୁରୀ ଜିଲ୍ଲା ଗୋମୁଣ୍ଡିଆ ଗ୍ରାମର ପ୍ରଫୁଲ୍ଲ କୁମାର ନାୟକ ଓ ମଞ୍ଜୁଲତା ନାୟକଙ୍କ କନିଷ୍ଠ ପୁତ୍ର ତଥା ବାଘମୁଣ୍ଡା ନିବାସୀ ✔ ସୁରେନ୍ଦ୍ର କୁମାର ପ୍ରଧାନ ଓ ଶ୍ରୀମତୀ ପ୍ରଧାନଙ୍କ ଜ୍ୟେଷ୍ଠ ଜାମାତା ଅଟନ୍ତି | ତାଙ୍କର ଏହି ସଫଳତା ପାଇଁ ପିତା, ମାତା, ଭାଇ, ଭାଉଜ, ମାମୁଁ ସନାତନ ପ୍ରଧାନ, ମାଇଁ, ଶାଶୁ, ଶଶୁର, ଦଦା ଶଶୁର ସୁବାସ ଚନ୍ଦ୍ର ପ୍ରଧାନ, ଧର୍ମପତ୍ନୀ ସ୍ୱୟଂ ପ୍ରଭା ପ୍ରଧାନ, ପୁଅ ନିଲ୍ ନିହାନ୍ତ, ଝିଅ ମୁସ୍କାନ, ଝିଆରୀ ରିୟାନସି, ଐଶ୍ୱର୍ଯ୍ୟା, ପୁତୁରା ଅବିନାଶ, ସାଙ୍ଗସାଥି, ଗୁରୁଜନଙ୍କୁ ଶ୍ରେୟ ଦେବା ସହ ଧରଣୀଧର ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ବିଶ୍ୱରଂଜନ ଧଳଙ୍କୁ ଗଭୀର କୃତଜ୍ଞତା ଜଣାଇଛନ୍ତି |ସର୍ବୋପରି ଜଗତର ନାଥ ଜଗନ୍ନାଥ, ଇଷ୍ଟଦେବ ବଟେଶ୍ୱର, ଜଗତ ଜନନୀ ମା ତାରାଣୀଙ୍କ ନିକଟରେ ନିଜ କୃତିତ୍ୱକୁ ଉତ୍ସର୍ଗୀକୃତ କରିଛନ୍ତି|

## ଆର୍‌ଏସ୍‌ପିରେ ସଡ଼କ ସୁରକ୍ଷା ସଚେତନତା

**ରାଉରକେଲା, ୨୨।୧(ସମିସ):** ଆରଏସପିର କୋକ ଓଭେନ ଏବଂ ସିସିଡି ବିଭାଗ ଦ୍ୱାରା ସଡ଼କ ସୁରକ୍ଷା ସଚେତନତା ଅଭିଯାନ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ, ଡ୍ରାଇଭର ଓ ଠିକା ଶ୍ରମିକଙ୍କ ସମେତ ୫୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। ଏହି ଅଭିଯାନ ଉପଲକ୍ଷେ କୋକ୍ ଓଭେନ ବିଭାଗ ନିକଟ



କୋ-ଅପେରେଟିଭ କ୍ୟାଣ୍ଟିନରୁ ଗ୍ୟାସ ହୋଲ୍ଡର ଛକ ପର୍ଯ୍ୟନ୍ତ ଏକ କିଲୋମିଟର ବ୍ୟାପୀ ମାନବଶୃଙ୍ଖଳ ପ୍ରସ୍ତୁତ କରାଯାଇଥିଲା। ସିଓ ଏବଂ ସିସିଡି ବିଭାଗ ସିଜିଏମ ତୁଳାରାମ ବେହେରା ଏହାର ନେତୃତ୍ୱ ନେଇଥିଲେ। ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ଜିଏମ ଅବକାଶ ବେହେରା, କୋକ ଓଭେନ ବିଭାଗ ଜିଏମ ବିକାଶ କୁମାର ବନବାସୀଙ୍କ ସମେତ ସିଓ ଏବଂ ସିସିଡି ବିଭାଗର ସେକ୍ସନ ମୁଖ୍ୟ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।ସୁରକ୍ଷିତ ଗାଡ଼ି ଚାଳନାର ତିନିଟି ମୁଖ୍ୟ ପ୍ରସଙ୍ଗ ଗତି ସୀମା, ରେଡ ଲାଇଟ୍ ଉଲ୍ଲଂଘନ ରୋକିବା, ଓଭରଟେକ ନ କରିବା ଉପରେ ଅଭିଯାନରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଅଂଶଗ୍ରହଣକାରୀମାନେ ଉତ୍ସାହର ସହ ସଡ଼କ ସୁରକ୍ଷା ଉପରେ ଆଧାରିତ ବିଭିନ୍ନ ସୁରକ୍ଷା ବାର୍ତ୍ତା ଯଥା କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା ସହ ବ୍ୟକ୍ତିଗତ ସୁରକ୍ଷା ଉପକରଣ ବ୍ୟବହାର, ଗାଡ଼ି ଚାଳନା ବେଳେ ସେଲ୍‌ଫ ଫୋନ୍ ବ୍ୟବହାର ନ କରିବା, ଅସୁରକ୍ଷିତ ଡ୍ରାଇଭିଂ ଅଭ୍ୟାସ ଛାଡ଼ିବା, ସୁରକ୍ଷିତ ଡ୍ରାଇଭିଂ ଟିପ୍ସ, କାରଖାନା ମଧ୍ୟରେ ନିୟନ୍ତ୍ରିତ ବେଗରେ ଗାଡ଼ି ଚାଳନା ସମ୍ବନ୍ଧୀୟ ପ୍ଲାକାର୍ଡ ପ୍ରଦର୍ଶନ କରିଥିଲେ। କର୍ମଚାରୀ ଓ ଠିକା ଶ୍ରମିକଙ୍କ ମଧ୍ୟରେ ସୁରକ୍ଷା ସଚେତନତା ବୃଦ୍ଧି କରିବା ସହ ସତର୍କତାର ସହିତ କାରଖାନା ମଧ୍ୟରେ ଗାଡ଼ି ଚାଳନା କରିବା ଉପରେ ସଚେତନତା ସୃଷ୍ଟି ତଥା ଏକ ଦୃଢ଼ ସୁରକ୍ଷା ସଂସ୍କୃତି ପ୍ରବର୍ତ୍ତନ କରିବା ଏହି ଅଭିଯାନର ଉଦ୍ଦେଶ୍ୟ ଥିଲା। କୋକ ଓଭେନ ବିଭାଗ ଏଜିଏମ ତଥା ଡିଏସଓ ଡି ସାହୁଙ୍କ ଦ୍ୱାରା ଡେପୁଟି ମ୍ୟାନେଜର ରୋହିତ ନାୟକ ଓ ରବି ପାଣିଗ୍ରାହୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




● ଅଯୋଧ୍ୟାରେ ଶ୍ରୀରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ

# ବାଲିଶଙ୍କରାରେ ଉତ୍ସବର ମାହୋଲ



**ବାଲିଶଙ୍କରା, ୨୨।୧(ସମିସ):** ଅଯୋଧ୍ୟା ନବନିର୍ମିତ ରାମମନ୍ଦିର ଓ ଶ୍ରୀରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ଭାରତର ସମସ୍ତ ମନ୍ଦିରରେ ପୂଜାପାଠ କରାଯାଇଥିଲା। ବାଲିଶଙ୍କରା ବ୍ଲକ ବାଲିଶଙ୍କରା ରାମଜାନକୀ ଜଗନ୍ନାଥ ମନ୍ଦିରରେ ସକାଳେ ପ୍ରଭୁ ଶ୍ରୀରାମଙ୍କ ପୂଜା କରାଯାଇଥିଲା। ପରେ ଭବ୍ୟ ଅଯୋଧ୍ୟା ରାମ ମନ୍ଦିରରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠାର ସିଧାପ୍ରସାରଣ ଏଲଇଡି ଟିଭି ମାଧ୍ୟମରେ ମନ୍ଦିର ପ୍ରାଙ୍ଗଣରେ ପ୍ରଦର୍ଶନ କରାଯାଇଥିଲା। ସଂକୀର୍ତ୍ତନ ମଣ୍ଡଳୀ ପ୍ରଭୁ ଶ୍ରୀରାମଙ୍କ କୀର୍ତ୍ତନ କରିଥିଲେ। କରୁଆବାହାଲ ହନୁମାନ ମନ୍ଦିରଠାରୁ ରାମନାମ ଉଚ୍ଚାରଣ କରି ପଦଯାତ୍ରାରେ ବାହାରି ବାଲିଶଙ୍କରା ବ୍ଲକ କାର୍ଯ୍ୟାଳୟ ଦେଇ କୁଇଲେରମୁଣ୍ଡା ରାମଜାନକୀ ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲେ। ମୁଖ୍ୟଅତିଥି ରୂପେ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ସମ୍ମାନିତ ଅତିଥି ରୂପେ ସୁନ୍ଦରଗଡ଼ ପୌରାଧ୍ୟକ୍ଷା ତନୟା ମିଶ୍ର, ବାଲିଶଙ୍କରା ସରପଞ୍ଚ ସୁଲୋଚନା ସୁଆରୀ ଯୋଗଦେଇଥିଲେ। ଏହି ସମାରୋହରେ ୧୯୯୨ରେ ବାବରୀ ମସଜିଦ ଭାଙ୍ଗିବା ପାଇଁ ଅଞ୍ଚଳରୁ ଯାଇଥିବା କାରସେବକ ଜଗତରାମ ତିଗ୍ଗା, ଗୌତମ ମାଝୀ, ଫକୀର ପଟେଲ, ଦୀପକ ପଟେଲ, ଦେବରାଜ ସାହୁ, ଦିଲୀପ ଓରାମଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସନ୍ଧ୍ୟାରେ ପ୍ରତ୍ୟେକ ମନ୍ଦିର ଏବଂ ସମସ୍ତଙ୍କ ଘରେ ଦୀପଜାଳି ଦୀପାବଳି ପାଳନ କରାଯାଇଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ସୁଗ୍ରୀବ ବାଘ, କୈଳାସ ଭିତ୍ରିଆ, ନଗେନ୍ଦ୍ର ସିଂ ସମେତ ଗ୍ରାମର ପୁରୁଷ ଓ ମହିଳାମାନେ ସହାୟତା କରିଥିଲେ।

● ପ୍ରାଣ ପ୍ରତିଷ୍ଠା ଉତ୍ସବ

# ଲହୁଣୀପଡ଼ାରେ ସାହି ବୁଲିଲେ ରାମ, ଲକ୍ଷ୍ମଣ ଓ ସୀତା



**ଲହୁଣୀପଡ଼ା, ୨୨।୧(ସମିସ):** ପ୍ରଭୁ ଶ୍ରୀରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଅଯୋଧ୍ୟାରେ ଧୁମଧାମରେ ଅନୁଷ୍ଠିତ ହୋଇଥିବା ବେଳେ ଭାରତବର୍ଷର ସମସ୍ତ ଅଞ୍ଚଳରେ ମଧ୍ୟ ଏହି ଉତ୍ସବ ପାଳନ କରାଯାଇଛି। ଲହୁଣୀପଡ଼ା ବ୍ଲକ ଲହୁଣୀପଡ଼ା, ରାଜାମୁଣ୍ଡା, ଗୁଡିଆଲି, ମିଶ୍ରପାଲି, ଶରଧାପୁର, ଥେଣ୍ଟେଇପୋଷ ଆଦି ଗ୍ରାମ ଉତ୍ସବମୁଖରିତ ହୋଇ ପଡ଼ିଥିଲା। ଗ୍ରାମ ବୈଠକ ଘର, କ୍ଲବ ଆଦିରେ ଦିନତମାମ ହୋମଯଜ୍ଞ ଓ ପୂଜାପାଠ ହୋଇଥିଲା। ବିଶେଷ କରି ମହିଳାମାନେ ଘରଦ୍ୱାର ସଫା କରି ଝୋଟିଚିତା ଆଙ୍କି ଗ୍ରାମର ଗୋଟିଏ ଜାଗାରେ ହେଉଥିବା ପୂଜାସ୍ଥଳକୁ ପୂଜାର୍ଚ୍ଚନା କରିଥିଲେ। ହୋମଯଜ୍ଞ ପରେ ବିଭିନ୍ନ ପୂଜାସ୍ଥଳରୁ ଛୋଟ ପିଲାମାନେ ରାମ, ଲକ୍ଷ୍ମଣ, ସୀତା, ହନୁମାନ, ଜାମ୍ବବାନ ବେଶ ଧରି ଗ୍ରାମବାସୀଙ୍କ ମେଳରେ ଗ୍ରାମ ପରିକ୍ରମା କରିଥିଲେ। ରାଜାମୁଣ୍ଡା କାଳୀ ମଣ୍ଡପରୁ ଶୋଭାଯାତ୍ରା ବାହାରି ଗୁଡିଆଲି ରାଜାମୁଣ୍ଡା ପରିକ୍ରମା କରିଥିଲା। ସେହିପରି ଲହୁଣୀପଡ଼ା ହନୁମାନ ମନ୍ଦିରରୁ ବାହାରି ଲହୁଣୀପଡ଼ା ଛକରୁ ସୁକପାଲି ଗ୍ରାମ ପରିକ୍ରମା କରିଥିଲା। ସନ୍ଧ୍ୟାରେ ଗୁଡିଆଲି କଲ୍ୟାଣ ମଣ୍ଡପରୁ ଶୋଭାଯାତ୍ରା ବାହାରି ଗୁଡିଆଲି ଗ୍ରାମ ପରିକ୍ରମା କରିଥିଲା। ସନ୍ଧ୍ୟାରେ ଘରେ ଘରେ ଦୀପ ଜଳୁଥିବାର ଦେଖି ଅଦିନିଆ ଦୀପାବଳି ଉତ୍ସବ ପାଳନ ପରି ମନେ ହୋଇଥିଲା।

ଜିଲ୍ଲାପାଳଙ୍କୁ ଗ୍ରାମବାସୀଙ୍କ ନିବେଦନ

# 'ଗାଁ ରାସ୍ତାକୁ ଖଣିଜ ଚାଲାଣମୁକ୍ତ କର, ନଚେତ୍ ଅନ୍ୟତ୍ର ବସାଅ'

**ସୁନ୍ଦରଗଡ଼, ୨୨।୧(ସମିସ)**

ଆମ ଗାଁ ରାସ୍ତାକୁ ତୁରନ୍ତ ବ୍ୟବହାର ଉପଯୋଗୀ କରି ଖଣିଜ ଚାଲାଣମୁକ୍ତ କରାଯାଉ ଅନ୍ୟଥା ଗ୍ରାମରୁ ଆମ ସମସ୍ତଙ୍କୁ ବିସ୍ଥାପିତ କରି ଅନ୍ୟତ୍ର ବସାଯାଉ। ଇବ୍ ନଦୀରୁ ବେଆଇନ ବାଲି ଚାଲାଣ ଫଳରେ ମରଣଯନ୍ତା ସଦୃଶ ରାସ୍ତାରେ ମରଣ ସହ ଯୁଝୁଥିବା ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ଏର୍ଗାପିଟା ଗ୍ରାମବାସୀ ସୋମବାର ଟାଙ୍ଗରପାଲି ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଅଭିଯୋଗ ଶୁଣାଣିରେ ଲିଖିତ ଭାବେ ଜିଲ୍ଲାପାଳଙ୍କୁ ଏପରି ନିବେଦନ କରିଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ବ୍ଲକର ରେମଣ୍ଡା ପଞ୍ଚାୟତ ଏର୍ଗାପିଟା ରାଜସ୍ୱ ଗ୍ରାମ ସହ ପଞ୍ଚାୟତ ସଦର ମହକୁମାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତା ସଂଯୋଗ କରୁଛି। ଏହା ଗ୍ରାମବାସୀଙ୍କ ଜୀବନରେଖା କହିଲେ ଅତ୍ୟୁକ୍ତି ହେବ ନାହିଁ। ମାତ୍ର ଅତୀତ ଏବଂ ବର୍ତ୍ତମାନ ସମୟରେ ମଧ୍ୟ ଏହି ରାସ୍ତା ବେଆଇନ ବାଲି ଚାଲାଣ ପାଇଁ ବ୍ୟବହୃତ ହୋଇ ଆସୁଛି। ଏର୍ଗାପିଟା ଗ୍ରାମରେ ଲିଜ୍ ହାସଲ କରିଥିବା ଜଣେ ବ୍ୟକ୍ତି ରେମଣ୍ଡା ଗ୍ରାମ ବାଲି ଶଯ୍ୟାରୁ ବେଆଇନ ବାଲି ଉତ୍ତୋଳନ କରି ସେହି ରାସ୍ତାର ପ୍ରାୟ ୧ କିଲୋମିଟର ଅଂଶକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛନ୍ତି। ୨୦୧୭ରେ ସରକାର ୧ କୋଟି ୫୮ ଲକ୍ଷ ୩୦ ହଜାର ଟଙ୍କା ବ୍ୟୟ କରି ଏହି ରାସ୍ତା ନିର୍ମାଣ କରାଇଥିଲେ। ମାତ୍ର ନିର୍ମାଣର ୬ ମାସ ମଧ୍ୟରେ ବାଲି ଚାଲାଣ ଯୋଗୁଁ ସମ୍ପୃକ୍ତ ରାସ୍ତାର ୧ କିଲୋମିଟର ଅଂଶ ସମ୍ପୂର୍ଣ୍ଣ ନଷ୍ଟହୋଇ ମରଣଯନ୍ତା ପାଲଟିଛି। ଗ୍ରାମବାସୀ ଅତୀତରେ ଏ ନେଇ ପଞ୍ଚାୟତ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ରାଜସ୍ୱ ନିରୀକ୍ଷକ, ତହସିଲଦାର, ବିଡିଓ, ଥାନା ଅଧିକାରୀ ତଥା ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର କୌଣସି ସୁଫଳ ମିଳି ନ ଥିଲା। ଶେଷରେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ କ୍ରମେ ବାଲି ଉଠାଣ ବନ୍ଦ ହୋଇଥିଲା। ବର୍ତ୍ତମାନ ପୁଣି ତହସିଲଦାର ବାଲି ଉଠାଣ ପାଇଁ ଅନୁମତି ଦେଇଛନ୍ତି। ଜଣାଶୁଣାରେ ସମ୍ପୃକ୍ତ ଲିଜ୍‌ଧାରୀ ତେଲିପାଲି ଗ୍ରାମର ଅମିତ ପଟେଲଙ୍କୁ ବାଲି ଉଠାଇବା ପାଇଁ ନିଯୁକ୍ତ କରିଛନ୍ତି। ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହେତୁ ୧୮ ତାରିଖ ଗ୍ରାମର ଜଣେ ହିତାଧିକାରୀ ପଞ୍ଚାୟତରୁ ଖାଦ୍ୟ ସୁରକ୍ଷା ଯୋଜନା ଚାଉଳ ନେଇ ଘରକୁ ଫେରୁଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଏଣୁ ଉକ୍ତ ଦିନ ଗ୍ରାମବାସୀ ଭାରୀଯାନ ଦ୍ୱାରା ବାଲି ଉଠାଣକୁ ବିରୋଧ କରିବା ପାଇଁ ବାଧ୍ୟ ହୋଇଥିଲେ।

ଟାଙ୍ଗରପାଲି ତହସିଲଦାର ଦାୟିତ୍ୱରେ ଥିବା ବିଡିଓ ସେଦିନ ରାତିରେ ଘଟଣାସ୍ଥଳକୁ ଆସି ସ୍ଥିତି ଅନୁଧ୍ୟାନ କରିଥିଲେ ମଧ୍ୟ କୌଣସି ପ୍ରତିଶ୍ରୁତି ଦେଇ ନ ଥିଲେ କି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲେ। ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟା ମଧ୍ୟ ସେ ଦିନ ରାତିରେ ଆସି ଗ୍ରାମବାସୀଙ୍କୁ ଧମକଚମକ ଦେଇ ବାଲି ଉଠାଣ ଅଲବତ ହେବ ବୋଲି କହିଥିଲେ। ଭଷ୍ମା ଥାନାଧିକାରିଣୀ ସଦଳବଳ ଆସି ଗ୍ରାମବାସୀଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରାଯିବ ବୋଲି ଧମକ ଦେଇ ଆନ୍ଦୋଳନରୁ ଓହରିବାକୁ ବାଧ୍ୟ କରିଥିବା ଗ୍ରାମବାସୀ ଜିଲ୍ଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଉକ୍ତ ରାସ୍ତାକୁ ତୁରନ୍ତ ବ୍ୟବହାର ଉପଯୋଗୀ କରି ଖଣିଜ ଚାଲାଣମୁକ୍ତ କରାଯାଉ, ଅନ୍ୟଥା ତାଙ୍କ ଗ୍ରାମର ସମସ୍ତଙ୍କୁ ଅନ୍ୟତ୍ର ଥଇଥାନ କରାଯାଉ ବୋଲି ସେମାନେ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ରମେଶ ଚନ୍ଦ୍ର ପଟେଲ ଜିଲ୍ଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ଏତଦବ୍ୟତୀତ, ରେମଣ୍ଡା ସମିତି ସଭ୍ୟ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଜଟିଆ ମୁଣ୍ଡା ମଧ୍ୟ ରାସ୍ତା ନିର୍ମାଣ ପାଇଁ ଜିଲ୍ଲାପାଳଙ୍କୁ ଲିଖିତ ଅନୁରୋଧ କରିଛନ୍ତି।

# ରାସ୍ତାକୁ ମାଡ଼ି ଜଙ୍ଗଲ ସୁରକ୍ଷା ସମିତି ଗୃହ ନିର୍ମାଣକୁ ବିରୋଧ

**ସୁନ୍ଦରଗଡ଼, ୨୨।୧(ସମିସ):** ସୁନ୍ଦରଗଡ଼ ସଦର ବନାଞ୍ଚଳର ରାଉଲଡେଗା ପଣ୍ଡରୀକାନୀପଡ଼ାରେ ରାସ୍ତା ଉପରକୁ ମାଡ଼ି ଜଙ୍ଗଲ ସମିତି ଗୃହ ନିର୍ମାଣ କରାଯାଉଥିବାରୁ ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି। ଏ ନେଇ ସେମାନେ ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।



ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ସେମାନେ ଓ ପାଖପାଖ ଗ୍ରାମ ବାସିନ୍ଦା ଜଙ୍ଗଲ ନିକଟରେ ବସତି ସ୍ଥାପନ କରି ଜଙ୍ଗଲକୁ ସୁରକ୍ଷା ଦେଇଆସୁଛନ୍ତି। ସମ୍ପ୍ରତି ତାଙ୍କ ଗ୍ରାମରେ ଜିଲ୍ଲା ପରିଷଦ ପକ୍ଷରୁ ଏକ ଜଙ୍ଗଲ ସୁରକ୍ଷା ସମିତି ଗୃହ ନିର୍ମାଣ ହେଉଛି। ମାତ୍ର ଉକ୍ତ ଗୃହ ନିର୍ମାଣ ସକାଶେ ଉପଯୁକ୍ତ ସ୍ଥାନ ନିରୂପଣ କରାଯାଇ ନାହିଁ। ଗ୍ରାମ ରାସ୍ତାକୁ ଅବରୋଧ କରାଯାଇ ବୁଲାଣି ସ୍ଥାନରେ ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲୁଛି। ଠିକାଦାର ନିଜ ଇଚ୍ଛାରେ ଏହି ଗୃହ ତିଆରି କରୁଛନ୍ତି। ଫଳରେ ଗ୍ରାମ କଂକ୍ରିଟ ରାସ୍ତା ସଂକୀର୍ଣ୍ଣ ହୋଇଯାଇଛି। ଗାଡ଼ି ଚଳାଚଳ କଷ୍ଟକର ହୋଇଯାଇଛି। ଅନେକ ସରକାରୀ ଖାଲି ଜାଗା ଥିଲେ ମଧ୍ୟ ଏପରି ରାସ୍ତା ଉପରେ ନିର୍ମାଣ ବିରୋଧରେ ଗ୍ରାମବାସୀ ସ୍ୱର ଉତ୍ତୋଳନ କରିଛନ୍ତି।

# ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର



**ହେମଗିରି, ୨୨।୧(ସମିସ):** ହେମଗିରିସ୍ଥିତ ତୁଡୁକା ଭେଷଜ ପଟେଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅଶୋକ କୁମାର ନାଏକ ଶିବିରକୁ ଉଦ୍‌ଘାଟନ କରିଥିଲେ। ପ୍ରାଧ୍ୟାପିକା ଡ. ସୌଦାମିନୀ ତ୍ରିପାଠୀ, ପ୍ରାଧ୍ୟାପକ ବିଭୂତି ମିଶ୍ର, ଅଧ୍ୟାପିକା ସଞ୍ଜୁ ସୁଜାତା ଇକ୍କା, ଅଧ୍ୟାପକ ସରୋଜ ଡୁଙ୍ଗଡୁଙ୍ଗ ଏବଂ ରାଜେନ୍ଦ୍ର କେରକେଟା ପ୍ରମୁଖ ଛାତ୍ରୀ ଆତ୍ମରକ୍ଷା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅଧ୍ୟାପିକା କରୁଣା ପାଣ୍ଡେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା। ଅଧ୍ୟାପିକା ଦୀପାଞ୍ଜଳି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଶିକ୍ଷିକା ଆରତୀ ଭୋଇ ଆତ୍ମରକ୍ଷା କୌଶଳ ତାଲିମ ପ୍ରଦାନ କରିଥଲେ।




# ଗାଁରୁ ସହର ସବୁଠି ଗୁଞ୍ଜରିତ ହେଲା ରାମନାମ



**ବଣାଇଁ,୨୨ ।୧(ସମିସ)**

ସବୁ ଅପେକ୍ଷାର ଅନ୍ତ ଘଟିଛି । ଅଯୋଧ୍ୟା ନଗରୀରେ ପ୍ରଭୁ ଶ୍ରୀରାମ ଚନ୍ଦ୍ରଙ୍କ ପ୍ରାଣ ପ୍ରତିଷ୍ଠା ହୋଇ ସାରିଥିବା ବେଳେ ଏଥିପାଇଁ ସାରା ଦେଶର ପୁରପଲ୍ଲୀରେ ଉତ୍ସବର ମାହୋଲ ସୃଷ୍ଟି ହୋଇଛି । ପ୍ରାଣ ପ୍ରତିଷ୍ଠା ଦିବସରେ ଭକ୍ତଙ୍କ ମଧ୍ୟରେ ଅପୂର୍ବ ଆନନ୍ଦ ଓ ଉତ୍ସାହ ଦେଖିବାକୁ ମିଳିଛି । ଏହି ପରିପ୍ରେକ୍ଷୀରେ ସୋମବାର ବଣାଇଁ ଉପଖଣ୍ଡର ପୁରପଲ୍ଲୀ ରାମମୟ ହୋଇଉଠିଛି । ବଣାଇଁର ବାବା ବାଣେଶ୍ୱର ମନ୍ଦିର, ଘୋଷରା ହନୁମାନ ମନ୍ଦିର, ରୁଗୁଡ଼ା ଜଗନ୍ନାଥ ମନ୍ଦିର, ଭାଲଡୁଙ୍ଗୁରୀ, ଅଲେଖପୁର, ଇନ୍ଦ୍ରପୁର ଇତ୍ୟାଦି ପ୍ରତ୍ୟେକ ଗ୍ରାମ, ପ୍ରତ୍ୟେକ ମନ୍ଦିରରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ ହୋମଯଜ୍ଞ, ସଂକୀର୍ତ୍ତନରେ ମହାଆଡ଼ମ୍ବରରେ ଏହି ଉତ୍ସବ ପାଳନ ହୋଇଛି । ଘରେ ଘରେ ଝୋଟି ମୁରୁଜ ଦେଇ କଳସ ସ୍ଥାପନ କରି ରାମଲାଲାଙ୍କୁ ସ୍ୱାଗତ କରାଯାଇଛି । ବଣାଇଁ ସହର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର କୁନି ଛାତ୍ରଛାତ୍ରୀମାନେ ରାମ ବେଶ ଧାରଣ କରି ଭବ୍ୟ ଶୋଭାଯାତ୍ରାରେ ବାହାରିଥିଲେ । ବଣାଇଁ ହିନ୍ଦୁ ଏକତା ମଞ୍ଚ ଏବଂ ହନୁମାନ ମନ୍ଦିର କମିଟି ପକ୍ଷରୁ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ସହରର ମୁଖ୍ୟ ରାସ୍ତା ସମ୍ପୂର୍ଣ୍ଣ ଗେରୁଆମୟ ହୋଇପଡ଼ିଥିଲା । ରାମନାମ ଜୟଜୟକାର ଧ୍ୱନିରେ ସହର ପ୍ରକମ୍ପିତ ହୋଇଥିଲା । ବାବା ବାଣେଶ୍ୱର ମନ୍ଦିର ଉନ୍ନୟନ କମିଟି ପକ୍ଷରୁ ସମସ୍ତ ସେବକଙ୍କୁ ନେଇ ପୂଜାର୍ଚ୍ଚନା, ହୋମଯଜ୍ଞ, ନାମ ସଂକୀର୍ତ୍ତନ, ଦୀପଦାନ ଭଳି ଭବ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । ଗାଁ ଗାଁରେ ସାଂସ୍କୃତିକ ଦଳକୁ ନେଇ ମହିଳାମାନେ କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ସବୁଆଡ଼େ ଶାନ୍ତିଶୃଙ୍ଖଳାର ସହ ଉତ୍ସବ ପାଳନ କରିବା ପାଇଁ ସ୍ଥାନୀୟ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।











## ତାରିଣୀ ମନ୍ଦିର କମିଟି ପକ୍ଷରୁ ଦୀପ ପ୍ରଜ୍ୱଳନ



**ରାଉରକେଲା,୨୨ ।୧(ସମିସ):** ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା ଅବସରରେ ବାସନ୍ତୀ କଲୋନୀ ଡିଏଭି ଛକସ୍ଥିତ ମା' ତାରିଣୀ ମନ୍ଦିର କମିଟି ପକ୍ଷରୁ ସ୍ଥାନୀୟ ବସ୍‌ଷ୍ଟପରେ ଥିବା ମା' ତାରିଣୀ ହୁଣ୍ଡିରେ ୨୫ଟି ଦୀପ ପ୍ରଜ୍ୱଳନ କରାଯାଇଛି । କମିଟି ସମ୍ପାଦକ କହରା ଜେନାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ବାସୁଦେବ ବରାଳ ଯୋଗଦେଇ ଶୁଭାରମ୍ଭ କରିଥିଲେ । ଛୋଟ ପିଲାଙ୍କ ମଧ୍ୟରେ ଖେଚୁଡ଼ି ଓ ଲଡ୍ଡୁ ବଣ୍ଟନ କରାଯାଇ ଭଗବାନ ରାମଙ୍କ କୀର୍ତ୍ତନ କରାଯାଇଥିଲା । ଟୁନୁ କର, ଭଞ୍ଜା ସିଂ, ଭ୍ରମରବର ଦାସ, ରାଜା ନାୟକ, କାବୁ କର, ବିଦ୍ୟାଧର ବେହେରା, ମିନତି ବରାଳ, ସସ୍ମିତା ଦାସ, ମମତା ଜେନା, ରୀତା ବାରିକ, ପ୍ରମୋଦ ସିଂ, ସପନ ବେହେରା, ସୁବାସ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

## ୫୦୦ ବର୍ଷ ଅପେକ୍ଷାର ଅନ୍ତ

# ରାମନାମରେ ପ୍ରକମ୍ପିତ ରାଜଗାଙ୍ଗପୁର ସହର

**ରାଜଗାଙ୍ଗପୁର,୨୨ ।୧(ସମିସ):** ଅଯୋଧ୍ୟାରେ ଶ୍ରୀରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅବସରରେ ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ସହର ଉତ୍ସବମୁଖର ହୋଇଉଠିଥିଲା । ସୋମବାର ରାଜଗାଙ୍ଗପୁରର ପ୍ରତ୍ୟେକ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା । ରାମନାମରେ ପ୍ରକମ୍ପିତ ହୋଇଥିଲା ସମଗ୍ର ସହର । ରାମଲାଲାଙ୍କ ସ୍ୱାଗତ ପାଇଁ ଗାଁଠୁ ସହର ପ୍ରତ୍ୟେକ ମନ୍ଦିରକୁ ଆଲୋକମାଳରେ ସୁସଜ୍ଜିତ କରାଯାଇଥିଲା । ସକାଳୁ ପ୍ରତ୍ୟେକ ମନ୍ଦିରରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିବା ବେଳେ ସନ୍ଧ୍ୟାରେ ରାମଜ୍ୟୋତି ଦୀପ ପ୍ରଜ୍ୱଳିତ କରାଯାଇ ଦୀପାବଳି ମନାଇଥିଲେ ଶ୍ରଦ୍ଧାଳୁ । ବିଭିନ୍ନ ସଂଗଠନ, ମନ୍ଦିର କମିଟି ପକ୍ଷରୁ ଭଜନକୀର୍ତ୍ତନ ସାଙ୍ଗକୁ ହନୁମାନ ଚାଳିଶା ପାଠ ଆୟୋଜନ କରାଯାଇଥିଲା । ଓସିଏଲ ଶ୍ରୀରାମ ମନ୍ଦିର, କୁମାରକେଲା ଜଗନ୍ନାଥ ମନ୍ଦିର, ଲିପ୍ଲୋଇ ଜଗନ୍ନାଥ ମନ୍ଦିର ପକ୍ଷରୁ ବିଶାଳ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା । ପାହାଡ଼ି ମନ୍ଦିର, ଷ୍ଟେସନପଡ଼ା ହନୁମାନ ମନ୍ଦିର, ତାଲକିପଡ଼ା ହନୁମାନ ମନ୍ଦିର, ବସଷ୍ଟାଣ୍ଡ ଶିବ ମନ୍ଦିର, ପାହାଡ଼ି ବାବା ସ୍ୱପ୍ନେଶ୍ୱର ମନ୍ଦିର, କୁଣ୍ଡୁପଡ଼ା ନାମ ସଂକୀର୍ତ୍ତନ ମଣ୍ଡପ ପ୍ରାଙ୍ଗଣରେ ରାମଜ୍ୟୋତି ପ୍ରଜ୍ୱଳିତ କରି ପୂଜାର୍ଚ୍ଚନା କରାଯିବା ସହ ମନ୍ଦିର କମିଟି ପକ୍ଷରୁ ପ୍ରସାଦ ସେବନ ବ୍ୟବସ୍ଥା କରଯାଇଥିଲା ।



## ଫ୍ଲିପକାର୍ଟ ଅଫିସରୁ ଟଙ୍କା ଚୋରି

**ରାଉରକେଲା,୨୨ ।୧(ସମିସ):** ଅନଲାଇନ୍ ବ୍ୟବସାୟ ସଂସ୍ଥା ଫ୍ଲିପ୍‌କାର୍ଟ ଅଫିସରୁ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଚୋରି ହୋଇଥିବା ରଘୁନାଥପାଲି ଥାନାରେ ଅଭିଯୋଗ ହୋଇଛି । ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ସୂଚନା ମୁତାବକ, ସିଭିଲ ଟାଉନସିପ ମୁଖ୍ୟ ରାସ୍ତା ଆଇସିଆଇସିଆଇ ବ୍ୟାଙ୍କ୍ ନିକଟରେ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ମୁଖ୍ୟ କବାଟ ତାଲା ଭାଙ୍ଗି ଭିତରକୁ ପଶିଥିଲେ । ପରେ କ୍ୟାସ୍ ଡ୍ରରେ ଥିବା ୫ରୁ ୭ ଲକ୍ଷ ଟଙ୍କା ଚୋରିକରି ଫେରାର ହୋଇଯାଇଥିଲେ । ପୁଲିସ ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ ଚଳାଇଛି ।

## ● ରାଉରକେଲା ବିମାନ ବନ୍ଦରରେ ଭିଏଫ୍ଆର ପାଇଁ ମିଳିଲା ସ୍ୱୀକୃତି

# ଜାନୁଆରୀ ୨୪ରୁ ନିୟମିତ ଉଡ଼ାଣ

### ୧୫୦୦ ମିଟର ଦୃଶ୍ୟମାନତାରେ ଉଡ଼ାଣ, ଅବତରଣ ସମ୍ଭବ

**ରାଉରକେଲା,୨୨ ।୧(ସମିସ):** ରାଉରକେଲା ବିମାନ ବନ୍ଦରରେ ଭାରତୀୟ ବିମାନବନ୍ଦର ପ୍ରାଧିକରଣ (ଏଏଆଇ) ପକ୍ଷରୁ ଆପ୍ରୋଚ୍ କଣ୍ଟ୍ରୋଲେ ୟୁନିଟ୍ ସ୍ଥାପନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ସ୍ପେସିଆଲ ଭିଜୁଆଲ ଫ୍ଲାଇଟ୍ ରୁଲ (ଭିଏଫଆର୍)କୁ ଏହି ବ୍ୟବସ୍ଥା ନିୟନ୍ତ୍ରଣ କରିପାରିବ । ଫଳରେ ୫୦୦୦ ମିଟର ଭିଜିବିଲିଟି (ଦୃଶ୍ୟମାନତା) ପରିବର୍ତ୍ତେ ୧୫୦୦ ମିଟର ଭିଜିବିଲିଟିରେ ବିମାନ ଲ୍ୟାଣ୍ଡ କରିପାରିବ ବୋଲି ସୂଚନା ମିଳିଛି । ଏହା ଆସନ୍ତା ୨୪ ତାରିଖରୁ କାର୍ଯ୍ୟକାରୀ ହେବ । ଏଣିକି ରାଉରକେଲାରୁ କୋଲକାତା ସିଧାସଳଖ ବିମାନ ଉଡ଼ାଣ ସପ୍ତାହରେ ୩ ଦିନ ଏବଂ ରାଉରକେଲାରୁ କୋଲକାତା ଭାୟା ଭୁବନେଶ୍ୱର ବିମାନ ଉଡ଼ାଣ ସପ୍ତାହରେ ୪ଦିନ ବିନା ଦ୍ୱିଧାରେ ସମ୍ଭବ ହେବ ବୋଲି ସୂଚନା ମିଳିଛି ।

ଏଜିଏମ୍ (ଏଟିସି) ତଥା ରାଉରକେଲା ବିମାନବନ୍ଦରର ନୋଡାଲ ଅଫିସର ସରୋଜ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୋଲକାତାରୁ ୨ ଜଣ ଏବଂ ପାଟନାରୁ ୨ ଜଣ ଏଟିସିଓ ଭୁବନେଶ୍ୱରରେ ଭିଏଫ୍ଆର୍ ନିୟନ୍ତ୍ରଣ ପରିଚାଳନା ନେଇ ଏଡିସି କମ୍ବାଇନ୍ଡ୍ ତାଲିମ ନେଇଥିଲେ । ନୋଡାଲ ଅଫିସର ସାହୁ ସେଠାରେ ଏହି ୪ ଜଣଙ୍କୁ ୫ ଦିନ ଧରି ଏହି ସ୍ୱତନ୍ତ୍ର ଭିଜିବିଲିଟି ଫ୍ଲାଇଟ୍ ରୁଲ ବିଷୟରେ ତାଲିମ ଦେଇଥିଲେ । ତାଲିମପ୍ରାପ୍ତ ଏହି ଏଟିସିଓମାନେ ଆସନ୍ତା ୨୪ ତାରିଖରୁ ରାଉରକେଲା ବିମାନବନ୍ଦରରେ ରହି ଭିଏଫଆର ଲ୍ୟାଣ୍ଡିଂ ସିଷ୍ଟମରେ ବିମାନ ଉଡ଼ାଣ ଓ ଲ୍ୟାଣ୍ଡିଂ ପ୍ରକ୍ରିୟାରେ ସହଯୋଗ କରିବେ । ଫଳରେ ଆସନ୍ତା ୨୪ ତାରିଖଠାରୁ ରାଉରକେଲା ବିମାନ ବନ୍ଦରରୁ ବିନା ବାଧାରେ ପ୍ରତିକୂଳ ପାଗ ସତ୍ତ୍ୱେ ଦୈନନ୍ଦିନ ବିମାନ ଉଡ଼ାଣ ସମ୍ଭବ ହୋଇପାରିବ ବୋଲି କୁହାଯାଇଛି ।

ଇନଷ୍ଟ୍ରୁମେଣ୍ଟ ଲ୍ୟାଣ୍ଡିଂ ସିଷ୍ଟମ (ଆଇଏଲଏସ୍) ତୁଳନାରେ ସ୍ୱତନ୍ତ୍ର ଭିଏଫ୍ଆର୍ ବ୍ୟବସ୍ଥା ସ୍ୱଳ୍ପ ବ୍ୟୟସାପେକ୍ଷ ହୋଇଥିବାରୁ ଏବେ ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଶୀଘ୍ର ସେବା ପ୍ରଦାନ ପାଇଁ ଭିଏଫ୍ଆର୍ ବ୍ୟବସ୍ଥା ସ୍ଥାପନ କରାଯାଇଛି । ସୂଚନାଯୋଗ୍ୟ, ସମ୍ପ୍ରତି ରାଉରକେଲା ବିମାନବନ୍ଦରରେ ଆପ୍ରୋଚ୍ କଣ୍ଟ୍ରୋଲ୍ ୟୁନିଟ୍ ନ ଥିବାରୁ ୫୦୦୦ ମିଟର ଭିଜିବିଲିଟିରେ ବିମାନ ଅବତରଣ ବା ଉଡ଼ାଣ କରିବା ସମ୍ଭବ ହେଉ ନ ଥିଲା । ଫଳରେ ସାମାନ୍ୟ ପ୍ରତିକୂଳ ପାଗରେ ମଧ୍ୟ ବିମାନ ଉଡ଼ାଣ ବାରମ୍ବାର ବାତିଲ ହେଉଥିଲା । ଏ ନେଇ ଯାତ୍ରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ଏବେ ଏହି ସମସ୍ୟା ସମାଧାନ ହେବା ଦ୍ୱାରା ଆଗାମୀ ଦିନରେ ଅନ୍ୟ ସହରକୁ ରାଉରକେଲାରୁ ବିମାନ ସଂଯୋଗୀକରଣର ସମ୍ଭାବନା ବୃଦ୍ଧି ପାଇଛି ।



# ଜିଲ୍ଲାସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା ଉଦ୍‌ଯାପିତ

**ସୁନ୍ଦରଗଡ଼,୨୨ ।୧(ସମିସ):** ନୂଆ-ଓ ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ମହାବିଦ୍ୟାଳୟ ପରିସରରେ ଚାଲିଥିବା ଜିଲ୍ଲାସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା ଉଦଯାପିତ ହୋଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁ ଏଥିରେ ସ୍ୱାଗତ ଅଭିଭାଷଣ ଦେଇଥିଲେ । ଛାତ୍ରଛାତ୍ରୀମାନେ ପାଠପଢ଼ା ସହ କ୍ରୀଡ଼ା, ସାମାଜିକ କାର୍ଯ୍ୟକଳାପ ଏବଂ ସାଂସ୍କୃତିକ କ୍ଷେତ୍ରରେ ଅଂଶଗ୍ରହଣ କରି ନିଜ ଦକ୍ଷତା ପ୍ରଦର୍ଶନ ପୂର୍ବକ ନିଜ ଜିଲ୍ଲା ଏବଂ ରାଜ୍ୟ ପାଇଁ ସୁନାମ ଆଣିପାରିବେ ସେ କହିଥିଲେ । ସୁନ୍ଦରଗଡ଼ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ରାଉରକେଲା ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ବେହେରା, ପୁରାତନ ଛାତ୍ର ସଂସଦ ସଭାପତି ଡ. ଚିରବ୍ରତ ଦତ୍ତ, ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା କୁମୁଦିନୀ ରାଉତରାୟ, ନୂଆ-ଓର ସୁନ୍ଦରଗଡ଼ ଜିଲ୍ଲା ନୋଡାଲ ଅଫିସର ମାୟାଧର ବାରିକ ପ୍ରମୁଖ ଉଦବୋଧନ ଦେଇଥିଲେ । ପ୍ରତିଯୋଗିତାରେ ସୁନ୍ଦରଗଡ଼, ବଣଇଁ ଓ ପାନପୋଷ ଉପଖଣ୍ଡରୁ ଦୁଇ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଦଳଗତ ନୃତ୍ୟ ପ୍ରତିଯୋଗିତାରେ ବଣାଇଗଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଥମ, ଡାଲମିଆ ମହାବିଦ୍ୟାଳୟ ଦ୍ୱିତୀୟ ଏବଂ ମ୍ୟୁନିସିପାଲ କଲେଜ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଦଳଗତ ସଙ୍ଗୀତ ପ୍ରତିଯୋଗିତାରେ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ପ୍ରଥମ, ରାଜଗାଙ୍ଗପୁର ସରବତୀ ଦେବୀ ମହିଳା ମହାବିଦ୍ୟାଳୟ ଦ୍ୱିତୀୟ ଏବଂ ବଣାଇଁଗଡ଼ ମହାବିଦ୍ୟାଳୟ ତୃତୀୟ ହୋଇଥିଲେ । ଏକକ ପ୍ରତିଯୋଗିତା ମଧ୍ୟରେ ସଙ୍ଗୀତ, ନୃତ୍ୟ, ଅଭିନୟ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ରଙ୍ଗୋଲି, ଏକକ ବାଦ୍ୟଯନ୍ତ୍ର ବାଦନ, ସାଂସ୍କୃତିକ ବେଶଭୂଷା ପ୍ରଦର୍ଶନୀ ହୋଇଥିଲା । ଦଳଗତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ମହାବିଦ୍ୟାଳୟକୁ ୩୦ ହଜାର, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ମହାବିଦ୍ୟାଳୟକୁ ୨୦ ହଜାର, ତୃତୀୟ ସ୍ଥାନ ଅଧିକାର କରିଥିବା ମହାବିଦ୍ୟାଳୟକୁ ୧୦ ହଜାର ଟଙ୍କା ଅର୍ଥରାଶି, ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା । ସେହିପରି ଏକକ ପ୍ରତିଯୋଗିତାରେ ପ୍ରଥମକୁ ୧୫ ହଜାର, ଦ୍ୱିତୀୟକୁ ୧୦ ହଜାର, ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ୫ ହଜାର ଟଙ୍କା ଅର୍ଥରାଶି, ମାନପତ୍ର ଏବଂ ଫଳକ ଦିଆଯାଇଥିଲା । ପ୍ରକାଶ କୁମାର ସାହୁ, ଅଧ୍ୟାପିକା ଏଞ୍ଜେଲିନା କିଣ୍ଡୋ ଏବଂ ଅଧ୍ୟାପକ ଗରୁଡ଼େଶ୍ୱର ଦାସ ଏହାକୁ ସଂଯୋଜନା କରିଥିବା ବେଳେ ସହକାରୀ ପ୍ରଫେସର ଡ. ପ୍ରଦୀପ କୁମାର ସାମନ୍ତରାୟ, ଅଧ୍ୟାପକ ପ୍ରଭାକର ସେଠୀ ଏବଂ ଅଧ୍ୟାପକ ରାଧାନାଥ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଗ୍ଲୋରୀ ଫେଷ୍ଟରେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଦଳଗତ ଚାମ୍ପିଅନ

**ରାଉରକେଲା,୨୨ ।୧(ସମିସ):** ଚଳିତ ମାସ ୯ରୁ ୧୨ ତାରିଖ ପର୍ଯ୍ୟନ୍ତ ପୁରୀଠାରେ ଅନୁଷ୍ଠିତ ଜାତୀୟ ସ୍ତରର ଗ୍ଲୋରୀ ଫେଷ୍ଟ ପ୍ରତିଯୋଗିତାରେ ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଦଳଗତ ଚାମ୍ପିଅନ ହୋଇଛି । ଏହି ଅବସରରେ ଆନ୍ତଃ ମହାବିଦ୍ୟାଳୟ ଓ ଆନ୍ତଃ ବିଶ୍ୱବିଦ୍ୟାଳୟ ସ୍ତରରେ ଭିନ୍ନ ଭିନ୍ନ ପ୍ରତିଯୋଗିତା ହୋଇଥିଲା । ବକ୍ତୃତା ପ୍ରତିଯୋଗିତାରେ ନୌସିନ ଫିଜା ଦ୍ୱିତୀୟ, ବାଦ୍ୟ ଓ ଯନ୍ତ୍ରସଙ୍ଗୀତରେ ସୌରଭ କୁମାର ମିଶ୍ର ଦ୍ୱିତୀୟ, ଏକକ ଗାୟନ ପ୍ରତିଯୋଗିତାରେ ଶିବାନୀ ସରକାର ପ୍ରଥମ ଏବଂ ଆଙ୍କର କି ଖୋଜ ପ୍ରତିଯୋଗିତାରେ ଶ୍ରୁତିଶ୍ରୀ ଜେନା ପ୍ରଥମ ସ୍ଥାନ ହାସଲ କରିଥିଲେ । ଏହା ସହ କୁଇଜ୍ ପ୍ରତିଯୋଗିତାରେ କୁନ୍ଦନ କୁମାର ସିଂହ ଓ ଗୌତମ ଚୌଧୁରୀଙ୍କ ଦଳ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ । ମହାବିଦ୍ୟାଳୟର ପ୍ରତିଯୋଗୀଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ନିମନ୍ତେ ଦଳଗତଭାବେ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଥିଲେ । ପୁରୀର ଅଗ୍ରଣୀ ଯୁବ ସାଂସ୍କୃତିକ ଅନୁଷ୍ଠାନ ଜାତୀୟ ଯୁବ ସମନ୍ୱିତ କେନ୍ଦ୍ର ଆନୁକୂଲ୍ୟରେ ୪ ଦିନ ଧରି ଏହି ଉତ୍ସବ ଚାଲିଥିଲା । ଯୁବ ପ୍ରତିଭା ଅନ୍ୱେଷଣ ତଥା ଯୁବଗୋଷ୍ଠୀଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ ପାଇଁ ୨୭ ବର୍ଷ ହେଲା ଏହି ଉତ୍ସବ ଅନୁଷ୍ଠିତ ହୋଇଆସୁଛି । ଏହି ଅବସରରେ ପୁରୀ ଟାଉନ୍ ହଲରେ କୁଇଜ୍, ସ୍କିଟ୍, ଅନ୍ତାକ୍ଷରୀ, ରେକର୍ଡ ଡ୍ୟାନ୍ସ ଓ ଗ୍ଲୋରୀ କୁଇନ୍ ଆଦି ପ୍ରତିଯୋଗିତା ହୋଇଥିଲା । ଉଦ୍‌ଯାପନୀ ଅବସରରେ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀଙ୍କ ସମେତ ଅନ୍ୟମାନେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର କୃତୀ ପ୍ରତିଯୋଗୀମାନେ ରାଉରକେଲା ଫେରିବା ପରେ ନିଜ ପୁରସ୍କାର ସହିତ ଅଧ୍ୟକ୍ଷ ପ୍ରଫେସର ଡ. ବିଜୟ କୁମାର ବେହେରାଙ୍କୁ ଭେଟିଥିଲେ । ପ୍ରଫେସର ବେହେରା ଏହି ଅବସରରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଥିଲେ । ପ୍ରତିଯୋଗୀମାନେ ଅଧ୍ୟାପକ ପ୍ରକାଶ ସାହୁ ଓ ଅଧ୍ୟାପିକା ମୋନାଲିସା ସାବତଙ୍କ ନେତୃତ୍ୱରେ ପୁରୀ ଯାଇଥିଲେ ।

# ଓଡ଼ିଆ ସାହିତ୍ୟ ପଠନ କ୍ଲବର ଉଦ୍‌ଯାପନୀ ଉତ୍ସବ

**ରାଉରକେଲା,୨୨ ।୧(ସମିସ)**



ବିଶ୍ରା ସୁବୋଧ ରାଉତରାୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ପ୍ରସାର ନିମନ୍ତେ ଓଡ଼ିଆ ସାହିତ୍ୟ ପଠନ କ୍ଲବ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଛି । ବିଦ୍ୟାଳୟ ଅଧ୍ୟକ୍ଷ କ୍ଷୀରୋଦ କୁମାର ବରାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବନ୍ଧମୁଣ୍ଡା କାଷ୍ଟ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ତୁଷାରକାନ୍ତ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଆଦିବାସୀ ଅଧ୍ୟୁଷିତ ବିଶ୍ରା ଅଞ୍ଚଳରେ ଗରିବ ଛାତ୍ରଛାତ୍ରୀ ପଢୁଥିବାରୁ ଶିକ୍ଷା ନେଇ ସେମାନଙ୍କ ମଧ୍ୟରେ ଆହୁରି ସଚେତନତାର ଆବଶ୍ୟକତା ରହିଛି । ଶୁଦ୍ଧ ଓଡ଼ିଆ ଲିଖନ ତଥା ମାତୃଭାଷାକୁ ସମୃଦ୍ଧ କରିବା ଉପରେ ଗୁରୁତ୍ୱାରୋପ କରି ସେ କହିଲେ, ଜଗତୀକରଣ ଯୁଗରେ ପ୍ରତିଯୋଗିତାମୂଳକ ପରିସ୍ଥିତିର ଆହ୍ୱାନକୁ ସମ୍ମୁଖୀନ ହେବା ନିମିତ୍ତ ନିଜ ଭାଷା ସହ ଇଂରାଜୀ, ହିନ୍ଦୀ ତଥା ଅନ୍ୟ ଭାଷା ଉପରେ ଦକ୍ଷତା ହାସଲ କରିବାର ଆବଶ୍ୟକତା ରହିଛି ।

ଶିକ୍ଷାବିତ୍ ରାଉରକେଲା ଇସ୍ପାତ କାରଖାନାର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ରଶ୍ମିରଞ୍ଜନ ବୋଇତାଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ଏହା ଖୁସିର କଥା ଯେ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତାର ବିକାଶ ଘଟିବାର ସମ୍ଭାବନା ଅଛି । ପ୍ରତିଯୋଗିତାମୂଳକ ଦୁନିଆରେ ସଫଳତା ହାସଲ କରିବାକୁ ହେଲେ ସାମ୍ପ୍ରତିକ ଜ୍ଞାନ ଆହରଣ ଜରୁରୀ । ଅବସାଦ ସମୟରେ ଧୈର୍ଯ୍ୟହରା ନ ହୋଇ ପରଂବ୍ରହ୍ମଙ୍କୁ ସ୍ମରଣ କଲେ ସମସ୍ୟା ସମାଧାନର ବାଟ ଫିଟିଥାଏ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ।

ଅନ୍ୟତମ ବରେଣ୍ୟ ଅତିଥି ଉତ୍କଳ ସମ୍ମିଳନୀର ସମ୍ପାଦକ ପ୍ରଭାତ କୁମାର ବିଶ୍ୱାଳ ଯୋଗଦେଇ ପଞ୍ଚସଖା ଯୁଗରୁ ଆରମ୍ଭ କରି ଏପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟର କ୍ରମବିକାଶ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଅଧ୍ୟକ୍ଷ ବରାଳ ପ୍ରାରମ୍ଭିକ ସୂଚନା ଦେବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । 'ସକାଳ'ର ରାଉରକେଲା ସଂସ୍କରଣ ମୁଖ୍ୟ ବରିଷ୍ଠ ସାମ୍ବାଦିକ ଦେବବ୍ରତ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ କିମ୍ବଦନ୍ତୀରୁ ବିଭିନ୍ନ ତଥ୍ୟ ପ୍ରଦାନ କରି କହିଲେ, ଶ୍ରୀଜଗନ୍ନାଥ ସଂସ୍କୃତି ହେଉଛି ମହାନ୍ ସଂସ୍କୃତି ଯାହାକି ସମଗ୍ର ବିଶ୍ୱରେ ବିରଳ । ଏହି ସଂସ୍କୃତିରେ ଏକତା, ସମାନତା, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ଭ୍ରାତୃତ୍ୱର ବାଣୀ ସୁସ୍ପଷ୍ଟ । ଜଗନ୍ନାଥ ସଂସ୍କୃତି ହେଉଛି ସାର୍ବଜନୀନ ସସ୍କୃତି । ଏକତା, ସମାନତା ଓ ବିଶ୍ୱଭ୍ରାତୃତ୍ୱ ଏହାର ପରମ ଲକ୍ଷ୍ୟ । ଶ୍ରୀଜଗନ୍ନାଥ ସଂସ୍କୃତିର କଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ଏକ ସ୍ୱତନ୍ତ୍ର ଆଲୋଚନା ପ୍ରତୀକ୍ଷା କରିଥାଏ । ଜଗନ୍ନାଥ ସଂସ୍କୃତିର ପ୍ରତ୍ୟେକଟି ଅନ୍ତରଙ୍ଗ ବିଭବ ଉଦାର ଓ ମହାନ ଅନ୍ତଃପ୍ରେରଣାର ଦୀପ୍ତିମନ୍ତ ବୋଲି କହିଥିଲେ ।

ନୂଆ-ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଡ. ନଗେନ କୁମାର ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଅବସରରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ପ୍ରସାର ନିମନ୍ତେ ଓଡ଼ିଆ ସାହିତ୍ୟ ପଠନ କ୍ଲବ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଅଭୟ କୁମାର ପୃଷ୍ଟି ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ସମାଜସେବୀ ପ୍ରଦୀପ ରାଉତରାୟ, ବସନ୍ତ କୁମାର ଦାସ, ନୃସିଂହ ମହାନ୍ତି, ଭି. ଲାବଣ୍ୟ, ବସନ୍ତ ରଣାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଅତିଥିମାନେ ଉତ୍କଳଗୌରବ ମଧୁସୂଦନ ଦାସ ଏବଂ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ ।

## ଗାଳ୍ପିକ ଭାଗୀରଥି ବେହେରା ପାଇଲେ ପଲକ ଗଳ୍ପ ସମ୍ମାନ



**ରମ୍ଭା,୨୨।୧(ସମିସ):** ଗଳ୍ପ ପୁସ୍ତକ 'ସିଦ୍ଧେଶ୍ୱରୀ ଏବଂ ଅନ୍ୟାନ୍ୟ ଗଳ୍ପ' ପୁସ୍ତକ ନିମନ୍ତେ ଲେଖକ ଭାଗୀରଥି ବେହେରାଙ୍କୁ ପଲକ ସାହିତ୍ୟ ଅନୁଷ୍ଠାନ, ଆଳି କେନ୍ଦ୍ରାପଡ଼ା ତରଫରୁ ଅଦ୍ୱୈତ ମହାନ୍ତି କଥା ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଛି। ବର୍ତ୍ତମାନ ଗଞ୍ଜାମ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ରୂପେ କାର୍ଯ୍ୟରତ ଶ୍ରୀ ବେହେରା ଗଳ୍ପ, କବିତା ଓ ଉପନ୍ୟାସକୁ ନେଇ ୧୫ ଖଣ୍ଡ ପୁସ୍ତକର ରଚୟିତା ଏବଂ ଗଞ୍ଜାମର କବିତା ଘରର ଅଧ୍ୟକ୍ଷ ରୂପେ ଓଡ଼ିଶାରେ ବେଶ ପରିଚିତ। ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ମାନିତ ଗାଳ୍ପିକ ଇଂ ବିଷ୍ଣୁ ସାହୁ ମୁଖ୍ୟ ଅତିଥି, ବରିଷ୍ଠ କବି ଓ ପ୍ରାବନ୍ଧିକ ଡ. ନାରାୟଣ ପଣ୍ଡା ମୁଖ୍ୟବକ୍ତା, ବିଶିଷ୍ଟ କବି ଓ ଅନୁବାଦିକା ଡ. ଅଞ୍ଜୁମନ ଆରା ସମ୍ମାନିତ ଅତିଥି, ଶିକ୍ଷାବିତ୍ ଓ ସାହିତ୍ୟ ସଂଗଠକ ପ୍ରମୋଦ ମଲ୍ଲିକ ସମ୍ମାନିତ ବକ୍ତା, ପ୍ରଫେସର ନନ୍ଦ କିଶୋର ପରିଡ଼ା ସଭାପତି ପ୍ରମୁଖ ଗାଳ୍ପିକ ଭାଗୀରଥି ବେହେରାଙ୍କୁ ସମ୍ମାନିତ କରିଥିଲେ। ଅନ୍ୟାନ୍ୟ ସାହିତ୍ୟିକଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲାରୁ କବି ଡ. ଅସିତ କୁମାର ସ୍ୱାଇଁ, ଅଞ୍ଜନା ବେହେରା, କବି ଏନ୍ ଶିବ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।

## ଏପିଜେ ଅବଦୁଲ କାଲାମ ଚାରିଟେବଲ ଟ୍ରଷ୍ଟର ପ୍ରସ୍ତୁତି ବୈଠକ



**ଖଲ୍ଲିକୋଟ,୨୨।୧(ସମିସ):** ସ୍ଥାନୀୟ ଏପିଜେ ଅବଦୁଲ କାଲାମ ଜନକଲ୍ୟାଣ ଚାରିଟେବଲ ଟ୍ରଷ୍ଟର ବାର୍ଷିକ ଉତ୍ସବ ପାଳନ ପାଇଁ ଖଲ୍ଲିକୋଟ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଟ୍ରଷ୍ଟର ଅଧ୍ୟକ୍ଷ ପୂର୍ଣ୍ଣ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମସ୍ତ ସଦସ୍ୟ କର୍ମକର୍ତ୍ତା ସମେତ ବହୁ ବରିଷ୍ଠ ନାଗରିକ, ସ୍ୱେଚ୍ଛାସେବୀ ମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆସନ୍ତା ଫେବୃଆରୀ ମାସ ଶେଷ କିମ୍ବା ମାର୍ଚ୍ଚ ମାସର ପ୍ରଥମ ସପ୍ତାହରେ ଟ୍ରଷ୍ଟର ବାର୍ଷିକ ଉତ୍ସବ ପାଳନ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବାର୍ଷିକ ଉତ୍ସବ ରେ କର୍କଟ ଭଳି ଭୟଙ୍କର ରୋଗର ସଚେତନ ଓ ବିନା ମୂଲ୍ୟରେ ଚିକିତ୍ସା ସୁବିଧା ଉପଲବ୍ଧ କିଭଳି ଲୋକଙ୍କୁ ଯୋଗାଇ ଦିଆଯିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ବୈଠକରେ ଡାକ୍ତର ହର ପ୍ରସାଦ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେବା ସହିତ ପ୍ରମୋଦ ପଟ୍ଟନାୟକ ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ। ସଂଗଠନ ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ଟ୍ରଷ୍ଟର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ଟ୍ରଷ୍ଟ ଆଗାମୀ ଦିନରେ କିପରି ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚି ପାରିବ ସେ ବିଷୟ ରେ ନିଜର ମତ ଉପସ୍ଥାପନ କରିଥିଲେ। ସଂଘର ନିଷ୍ପତି କ୍ରମେ ମିତଞ୍ଜଳୀ ମିଶ୍ର ସଂଗଠନ ସମ୍ପାଦିକା ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଯୋସ୍ନା କୁମାରୀ ପ୍ରଧାନଙ୍କ ସହାୟତାରେ ବାର୍ଷିକ ଉତ୍ସବ ପାଳନ ପାଇଁ ଏକ କମିଟି ଗଠନ କରାଯାଇଥିଲା। ଏ ଅବସରରେ କିଛି ବ୍ୟକ୍ତି ଟ୍ରଷ୍ଟର ସଦସ୍ୟତା ଗ୍ରହଣ କରିଥିଲେ। ବରିଷ୍ଠ ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ରଥ କାର୍ଯ୍ୟ କ୍ରମରେ ଯୋଗଦେଇ ସଂଘର ଉନ୍ନତି କାମନା କରିଥିଲେ। ଶେଷରେ ପଞ୍ଚାନନ ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ।

### ଗୋପାଳପୁର ବେଳାଭୂମି ମହୋତ୍ସବ-୨୦୨୪ ପାଇଁ ପ୍ରସ୍ତୁତି

# ମୁକ୍ତାକାଶ ରଙ୍ଗମଞ୍ଚରେ ସାଂସ୍କୃତିକ ସନ୍ଧ୍ୟା ପାଇଁ କାଉଣ୍ଟଡାଉନ୍ ଆରମ୍ଭ





**ବ୍ରହ୍ମପୁର,୨୨।୧(ସମିସ):** ଚଳିତ ମାସ ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ ଗୋପାଳପୁର ବେଳାଭୂମି ମହୋତ୍ସବ ୨୦୨୪ ଓ ଜାତୀୟ ପଲ୍ଲିଶ୍ରୀ ମେଳା। ଏନେଇ ପ୍ରଶାସନ ପକ୍ଷରୁ ତାରିଖ ଘୋଷଣା ପରେ ସ୍ଥାନୀୟ ଅଞ୍ଚଳବାସୀ ଓ ପର୍ଯ୍ୟଟକ ମହଲରେ ଖୁସିର ଲହରୀ ଖେଳିଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ଯଦିଓ ବିଳମ୍ବରେ ଏହି ମହୋତ୍ସବ ଆୟୋଜିତ ହେବାକୁ ଯାଉଛି ତେବେ ଚଳିତ ଥର ଦର୍ଶକଙ୍କୁ ବାନ୍ଧି ରଖିବା ଭଳି ବହୁ ସ୍ଥାନୀୟ ଓ ବଲିଉଡର ପ୍ରଖ୍ୟାତ କଳାକାରଙ୍କ ସମାଗମ ହେବା ଚୂଡାନ୍ତ ହୋଇଛି।

ମିଳିଥିବା ସୂଚନା ପ୍ରକାରେ ଉଦ୍‌ଘାଟନୀ ରଜନୀରେ ବଲିଉଡର ଖ୍ୟାତନାମା ସନମ ବ୍ୟାଣ୍ଡ, ଦ୍ୱିତୀୟ ଦିନରେ ଅର୍ଥାତ ଜାନୁଆରୀ ୨୬ତାରିଖରେ ପ୍ରିନ୍ସ ଡେନ୍ସ ଗ୍ରୁପ, ସେହିଭଳି ୨୭ତାରିଖରେ କଣ୍ଠଶିଳ୍ପୀ ଶିଳ୍ପା ରାଓ ଓ ଶେଷ ସନ୍ଧ୍ୟାରେ ମିଥୁନ ଶର୍ମା ଓ ଆଦିତି ସିଂ ଶର୍ମାଙ୍କ ଭଳି କଣ୍ଠଶିଳ୍ପୀଙ୍କ ସଙ୍ଗୀତ ଶୁଣିବାକୁ ମିଳିବ। ମହୋତ୍ସବରେ ସ୍ଥାନୀୟ କଳାକାରଙ୍କ ଝଲକ ଓ ବଲିଉଡର ଖ୍ୟାତନାମା ତାରକାଙ୍କ ଷ୍ଟେଜ୍ ସୋ' ଦେଖିବାକୁ ହଜାର ହଜାର ଦର୍ଶକଙ୍କ ଭିଡ ଲାଗିରହିବ। ମହୋତ୍ସବକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ୨୫ରୁ ଉର୍ଦ୍ଧ୍ୱ ସ୍ଥାନରେ ସିସିଟିଭି କ୍ୟାମେରା ଖଞ୍ଜାଯାଇଛି। ସିସିଟିଭି କ୍ୟାମେରା ଗୁଡିକ ପାଇଁ ୩ଟି ସ୍ୱତନ୍ତ୍ର କୋଣ୍ଟ୍ରୋଲ ରୁମ ସ୍ଥାପନ କରାଯାଇଛି। ଗୋପାଳପୁର କଲେଜ ନିକଟସ୍ଥ ଷଣ୍ଢ ଛକ, ଗୋପାଳପୁର ସମୁଦ୍ର ନିକଟ, ହରିପୁର ବାତ୍ୟା ଆଶ୍ରୟସ୍ଥଳୀ ସମେତ ଅନ୍ୟାନ୍ୟ ସ୍ଥାନରେ କଣ୍ଟ୍ରୋଲ ରୁମର ବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି। ଏଥିସହିତ ମୁକ୍ତାକାଶ ରଙ୍ଗମଞ୍ଚର ନିର୍ମାଣ କାର୍ଯ୍ୟ, ପଲ୍ଲିଶ୍ରୀ ମେଳା ପାଇଁ ୩୦୦ଟି ଷ୍ଟଲର କାମ ଶେଷ ପର୍ଯ୍ୟାୟରେ ପହଁଞ୍ଚିଛି। ପଲ୍ଲୀଶ୍ରୀ ମେଳାର ୩୦୦ଟି ଷ୍ଟଲ ମଧ୍ୟରୁ ଜିଲ୍ଲା ବାହାରୁ ୧୨୦ଟି ଓ ରାଜ୍ୟ ବାହାରରୁ ୨୦ଟି ଷ୍ଟଲ ଏବଂ ଅବଶିଷ୍ଟ ୧୫୦ଟି ବିଭିନ୍ନ ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀଙ୍କ ପାଇଁ ଉଦ୍ଦିଷ୍ଟ ରହିଛି। ଏହା ବ୍ୟତିତ ୨୫ଟି ଫୁଡଷ୍ଟଲ ଓ ବିଭାଗୀୟ ପ୍ରଦର୍ଶନୀ ପାଇଁ ଅଧିକ ୩୫ଟି ଷ୍ଟଲର ବ୍ୟବସ୍ଥା କରାଯାଇଛି। ଆବଶ୍ୟକତାକୁ ଦୃଷ୍ଟିରେ ରଖି ଷ୍ଟଲ ସଂଖ୍ୟା ମଧ୍ୟ ବୃଦ୍ଧି ହେବା ସମ୍ଭାବନା ଥିବା ଓରମାସ ପକ୍ଷରୁ ସୂଚନା ମିଳିଛି। ପଲ୍ଲିଶ୍ରୀ ମେଳାରେ ବ୍ୟବସାୟ କରୁଥିବା ସମସ୍ତ ଗ୍ରୁପର ମହିଳାମାନଙ୍କ ପାଇଁ ସମସ୍ତ ବ୍ୟବସ୍ଥା ଯଥା ମହିଳାଙ୍କ ପାଇଁ ଯିବାଆସିବା ପାଇଁ ବସ ବ୍ୟବସ୍ଥା, ପାନୀୟଜଳ ବ୍ୟବସ୍ଥା, ରହିବା ବ୍ୟବସ୍ଥା ସମେତ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି। ପରିମଳ ବ୍ୟବସ୍ଥା, ଆଇନ ଶୃଙ୍ଖଳା ପରିସ୍ଥିତି, ରାସ୍ତାଘାଟର ମରାମତି, କଳାକାରମାନଙ୍କ ରହଣି ସୁବିଧା, ଯାତାୟତ ସୁବିଧା, ବିଦ୍ୟୁତ ବ୍ୟବସ୍ଥା, ସିସିଟିଭି ବ୍ୟବସ୍ଥା, ଟ୍ରାଫିକ୍ କୋଣ୍ଟ୍ରୋଲ, ଅଗ୍ନିଶମ ବ୍ୟବସ୍ଥା, ସ୍ୱାସ୍ଥ୍ୟସୁରକ୍ଷା, ଖାଦ୍ୟରମାନ ଯାଞ୍ଚ, ପ୍ରଚାରପ୍ରସାର, ସ୍ମରଣୀକା ପ୍ରକାଶନ ଇତ୍ୟାଦି ସମସ୍ତ ବ୍ୟବସ୍ଥା କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଭିଡକୁ ଦୃଷ୍ଟିରେ ରଖି ଶୌଚାଳୟ ବ୍ୟବସ୍ଥା, ଅଲୋକୀକରଣ, ବିଶୁଦ୍ଧ ପାନୀୟଜଳର ବ୍ୟବସ୍ଥା, ପ୍ରାର୍କିଙ୍ଗ ବ୍ୟବସ୍ଥା, ଦର୍ଶକମାନଙ୍କ ପାଇଁ ବସିବା ବ୍ୟବସ୍ଥା, ଅତିଥିଙ୍କ ବ୍ୟବସ୍ଥା, କଳାକାରଙ୍କ ପାଇଁ ବ୍ୟବସ୍ଥା ଆଦି ଉପରେ ଗତ ଶନିବାର ଖୋଦ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଭି. କୀର୍ତ୍ତି ଭାଷନ୍, ବ୍ରହ୍ମପୁର ଉପ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ବ୍ରହ୍ମପୁର ଏସପି ଡା ଶ୍ରବଣ ବିବେକ ଏମ ପ୍ରମୁଖ ତଦାରଖ କରିଛନ୍ତି। ଆସନ୍ତା ୨୫ରେ ହେବାକୁ ଥିବା ବେଳାଭୂମି ଉତ୍ସବକୁ ନେଇ ଅଞ୍ଚଳରେ ଖୁସିର ଲହରୀ ରହିଥିବା ବେଳେ ଏବେ ଚଳଚଞ୍ଚଳ ହୋଇଛି ଗୋପାଳପୁର ବେଳାଭୂମି। ପୁରୁଣା ପ୍ରାଚୀରରେ ଅଙ୍କା ଯାଇଥିବା ଚିତ୍ରରେ ଏବେ ରଙ୍ଗବେରଙ୍ଗ କରାଯାଉଥିବା ଦେଖିବାକୁ ମିଳିଛି। ମହୋତ୍ସବରେ ଭିଡକୁ ନଜରରେ ରଖି ୪୦ଜଣ ପୁଲିସ ଅଧିକାରୀଙ୍କ ସହ ୧୦ପ୍ଲାଟୁନରୁ ଅଧିକ ପୁଲିସ ଫୋର୍ସ ମୁତୟନ ହେବେ ବୋଲି ଜଣାପଡ଼ିଛି।

- ସିସିଟିଭି ଓ ୩ଟି କୋଣ୍ଟ୍ରୋଲ ରୁମ ସହ ସୁରକ୍ଷାକୁ ପ୍ରାଥମିକତା
- ସ୍ଥାନୀୟ କଳାକାରଙ୍କୁ ମିଳିବ ଅପୂର୍ବ ସୁଯୋଗ
- ମୁତୟନ ହେବେ ୧୦ପ୍ଲାଟୁନ ପୁଲିସ ଫୋର୍ସ
- ଆସିବେ ସନମ ବେଣ୍ଡ, ଆଦିତି ଓ ମିଥୁନ ଶର୍ମାଙ୍କ ଭଳି ବଲିଉଡ କଣ୍ଠଶିଳ୍ପୀ

## ଧନନ୍ତର ପଞ୍ଚାୟତରେ ବିକାଶକୁ ଗୁରୁତ୍ୱ



**ଶେରଗଡ଼, ୨୨।୧(ସମିସ):** ଶେରଗଡ଼ ବ୍ଲକ ଧନନ୍ତର ପଞ୍ଚାୟତ ନାଥେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଜରିଆରେ ପଞ୍ଚାୟତସ୍ତରୀୟ ଜନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ରାଜେଶ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡ଼ିଓ ଶିବାଶିଷ ବରାଳ ସଂଯୋଜନା କରିଥିଲେ। ପଞ୍ଚାୟତ ସମିତିର ଅଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ନାୟକ, ବ୍ଲକ ବିଜେଡି ସଭାପତି ଶରତ ପାତ୍ର, ସମାଜସେବୀ ନିରଞ୍ଜନ ଜେନା, ବରିଷ୍ଠ ବିଜେଡି ନେତା ହୀନ ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର, ଜିଲ୍ଲା ପରିଷଦଙ୍କ ପ୍ରତିନିଧି ସମୀର ପ୍ରଧାନ, ଧନନ୍ତର ସେବା ସମବାୟ ସମିତିର ସଭାପତି ମକରନ୍ଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରେ ଗାଁ ଗାଁରେ କିଭଳି ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକ ସ୍ଥଳୀ ମାନଙ୍କର ରୂପାନ୍ତରୀକରଣ, ମହିଳା ସଶକ୍ତିକରଣ ଓ ଭିତିଭୂମିର ବିକାଶ ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଜିତ ମହାନ୍ତି, ଜିଆରଏସ ଅକ୍ଷୟ ବିଷୋୟୀ, ପଞ୍ଚାୟତ ର କନିଷ୍ଠ ଯନ୍ତ୍ରୀ ସସ୍ମିତା ଦେବୀ ପ୍ରମୁଖ ସହଯୋଗ କରିଥିଲେ।

## ଖଇରପୁଟିରେ କିଶୋରୀ ମେଳା



**ବେଲଗୁଣ୍ଠା,୨୨।୧(ସମିସ):** ବେଲଗୁଣ୍ଠା ବ୍ଲକ ଖଇରପୁଟି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଆଇସିଡିଏସ୍ ଅଞ୍ଚଳ ପରିଦର୍ଶିକା ଝୁନୁଲତା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ସୋପାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ସତ୍ୟବାନ ସ୍ୱାଇଁ, ସମିତିସଭ୍ୟା ଶାନ୍ତିଲତା ବେହେରା, ଶିକ୍ଷକ ସୁଦାମ ଜେନା, କ୍ଷତ୍ରିୟବରପୁର ଆଇସିଡିଏସ୍ ଅଞ୍ଚଳ ପରିଦର୍ଶିକା ବୀଣା ଦିଗାଲ, ଗ୍ରାମ ମୁଖିଆ ବିନୋଦ ବେହେରା, ସ୍ୱାସ୍ଥ୍ୟକର୍ମୀ ରଶ୍ମିତା ନାଇକ, ମମତା ବେହେରା ଏବଂ ପିଇଓ ସୁବାସ ଚନ୍ଦ୍ର ଦଳବେହେରା ଅତିଥି ଭାବେ ଯୋଗଦେଇ କିଶୋରୀ ମାନଙ୍କ ପୁଷ୍ଟି ସାଧନ, କିଶୋରୀଙ୍କ ପାଇଁ ଥିବା ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସୂଚନା ଦେବା ସହ ବିଭିନ୍ନ ପ୍ରତିଯୋଗିତାର କୃତୀ କିଶୋରୀମାନଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଅଙ୍ଗନବାଡ଼ି କର୍ମୀ ଧରିତ୍ରୀ ଭୁୟାଁ, ନର୍ମଦା କୁମାରୀ ସ୍ୱାଇଁ, ରଞ୍ଜିତା କୁମାରୀ ଭୁୟାଁ, ଗୀତାଞ୍ଜଳି ସ୍ୱାଇଁ, ମାମାନି ବିଷୋୟୀ, ସୁନିତା ନାୟକ, ଚପଳା ଦାସ, ଗୀତା ବେହେରା, ରୀତାଞ୍ଜଳି ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ଅଙ୍ଗନବାଡ଼ି କର୍ମୀ ନର୍ମଦା କୁମାରୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

### ● ଅମରନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ବେଗୁନିଆପଡ଼ାକୁ ହରାଇ ମୁଣ୍ଡମରାଇ ଚାମ୍ପିଅନ୍

**ଆସିକା,୨୨।୧(ସମିସ):** ଶହୀଦ ଉମାକାନ୍ତ ପଟ୍ଟନାୟକ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆସିକା ଅମରନାଥ କ୍ରିକେଟ କ୍ଲବ ପକ୍ଷରୁ ଅମର ନାଥ କ୍ରିକେଟ ପଡ଼ିଆଠାରେ ଦୀର୍ଘ ୧୫ ଦିନ ଧରି ଚାଲିଥିବା ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଦିବସରେ ଫାଇନାଲ ମ୍ୟାଚ୍‌ରେ ବେଗୁନିଆ ପଡ଼ାକୁ ହରାଇ ମୁଣ୍ଡମରାଇ ବିଜୟୀ ହୋଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ବିଜେଡି ନେତା ବଂଶୀଧର ନାହାକ ଓ ଆସିକା ଅଞ୍ଚଳର ଜଣାଶୁଣା କ୍ରିକେଟ ନାୟକ ତଥା କ୍ରିକେଟର ପୁରୁଣା ଖେଳାଳି ସନ୍ତୋଷ କୁମାର ବିଷୋୟୀଙ୍କ ଧର୍ମ ପତ୍ନୀ ତଥା ବିଜୁ ଜନତା ଦଳର ପୂର୍ବତନ ସମ୍ପାଦିକା ସୁରଭି ବିଷୋୟୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଅନିମା ପରିଡ଼ା ଓ ଅନୀଲ ନାୟକ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବିଜୟୀ ଦଳକୁ ୧୫ ହଜାର ଟଙ୍କା ସହ ସିଲ୍ ଓ ଉପବିଜେତା ଦଳକୁ ୧୦ ହଜାର ଟଙ୍କା ସହ କପ୍ ପ୍ରଦାନ କରିଥିଲେ। ଆଲୋକ ପ୍ରସାଦ ମୁନି ଓ ସତେନ୍ଦ୍ର ହୋତା ଓମ୍ପେୟାର ଥିଲେ। ଅମର ନାଥ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଭାଷା ସାହିତ୍ୟ ଓ ସୃଜନଶୀଳତା କାର୍ଯ୍ୟକ୍ରମ

**ସାନଖେମୁଣ୍ଡି, ୨୨।୧(ସମିସ):** ସାନଖେମୁଣ୍ଡି ବ୍ଲକ ଏରେଣ୍ଡ୍ରା ରାଧାକୃଷ୍ଣ ବିଦ୍ୟାପୀଠରେ ଭାଷା ସାହିତ୍ୟ ଓ ସୃଜନଶିଳତାରେ ବିକାଶ ସମ୍ବନ୍ଧୀୟ ମୋ କଥା ମୋ କାହାଣୀ ଶିକ୍ଷକ ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ସାହିତ୍ୟ ସୃଜନୀ କୌଶଳି ଜିଜ୍ଞାସା କ୍ରୀଡାଙ୍ଗନର ବିଭିନ୍ନ ଓ ପ୍ରୋଜେକ୍ଟ ଛାତ୍ରଛାତ୍ରୀ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ତ୍ରିପାଠୀ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ସାନଖେମୁଣ୍ଡି ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ଚୌଧୁରୀ, ମୁଖ୍ୟବକ୍ତା ଭାବେ ଆଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ବାହନ ଦାସ, ଏସଏମଡିସି ସଦସ୍ୟ ପୀତବାସ ଜେନା, ପ୍ରଶାନ୍ତ ବରାଡ, ପ୍ରଶାନ୍ତ ସ୍ୱାଇଁ, ରୋହିତ ଜେନା, ନୀଳାଞ୍ଚଳ ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶ୍ୱାସରାୟ ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟାପକ କୈଳାସ ଚନ୍ଦ୍ର ସ୍ୱାଇଁ, ସରପଞ୍ଚ ଧୋବା ସ୍ୱାଇଁ, ପୂର୍ବତନ ସିଆରସି ଚିନ୍ତାମଣି ସେଠୀ ଯୋଗଦେଇ ଶ୍ରେଷ୍ଠ କ୍ଲବକୁ ପୁରସ୍କୃତ କରିଥିଲେ। ଶେଷରେ କ୍ଲବର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ରେଡ୍ଡୀ ମହାଜନ ସଂଘମ୍‌ର ବୈଠକ



**ଛତ୍ରପୁର, ୨୨।୧(ସମିସ):** ଗଞ୍ଜାମ ଜିଲ୍ଲା ରେଡ୍ଡୀ ମହାଜନ ସଂଘମ୍ ଆନୁକୂଲ୍ୟରେ ଛତ୍ରପୁର ଜୋନ୍ ସଭାପତି ଏସ୍. ବୈରାଗୀ ରେଡ୍ଡୀଙ୍କ ସଭାପତିତ୍ୱରେ ରାଜ୍ୟ ସ୍ତରୀୟ ରେଡ୍ଡୀ ସଂଘମର ବୈଠକ ରବିବାର ତାମ୍ପରା ହ୍ରଦ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ପ୍ରତି କୋଣ ଅନୁକୋଣରୁ ରେଡ୍ଡୀ ସଂଘମର ବରିଷ୍ଠ ପଦାଧିକାରୀ ମାନେ ଉପସ୍ଥିତ ରହି ରେଡ୍ଡୀ ସଂଘମ୍‌ର ପ୍ରାୟ ୧୨ଲକ୍ଷ ସଭ୍ୟ ମାନଙ୍କର କିପରି ଶିକ୍ଷା, ସ୍ୱାସ୍ଥ୍ୟ ବିଭିନ୍ନ ଦିଗରେ ବିକାଶ ହେବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟତଃ ରେଡ୍ଡୀ ଜାତି ଅନ୍ୟ ରାଜ୍ୟରେ ଓବିସିରେ ପରିଗଣିତ ହେଉଥିଲେ ସୁଦ୍ଧା ଓଡ଼ିଶାରେ ଏ ପର୍ଯ୍ୟନ୍ତ ଲାଗୁ କରାଯାଇନାହିଁ। ଏନେଇ ଏକ କମିଟି ଭୁବନେଶ୍ୱର ଯାଇ ତୁରନ୍ତ କାର୍ଯ୍ୟକାରୀ କରିବା ନେଇ ଆଲୋଚନା କରାଯିବ। ଆଗାମୀ ନିର୍ବାଚନରେ ରେଡ୍ଡୀ ସଂଘମକୁ ଗୁରୁତ୍ୱ ଦିଆ ନ ଯାଏ ତେବେ ରେଡ୍ଡୀ ସଂଘମ୍ ଏହାର ବିକଳ୍ପ ବ୍ୟବସ୍ଥା କରିବାକୁ ବାଧ ହେବ ବୋଲି ବୈଠକରେ ମୁଖ୍ୟତଃ ଆଲୋଚନା ହୋଇଥିଲା। ବୈଠକରେ ମୁଖ୍ୟ ଅତିଥି ଭାବେ ଚାରି ଜିଲ୍ଲା ସଭାପତି ସି. ଏଚ୍. ଦିଲେଶ୍ୱର ରେଡ୍ଡୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଉପସଭାପତି କେ. ଦୁର୍ଯ୍ୟୋଧନ ରେଡ୍ଡୀ, ସମ୍ପାଦକ ଆସିକା ଜୋନ୍ ସଭାପତି ଆର୍. ଭାଗିରଥି ରେଡ୍ଡୀ, ଦିଗପହଣ୍ଡି ଜୋନ୍ ସଭାପତି ଏନ୍. ନିରଞ୍ଜନ ରେଡ୍ଡୀ, ବ୍ରହ୍ମପୁର ଡେପୁଟି ମେୟର ଏମ. ବିବେକ ରେଡ୍ଡୀ, କର୍ପୋରେଟର ଆପ୍ପା ରାଓ, ଛତ୍ରପୁର ଏନଏସି ଉପାଧ୍ୟକ୍ଷ ଜି. ପାପା ରାଓ, ଶ୍ରୀରାମଚନ୍ଦ୍ରପୁର ସମିତିସଭ୍ୟ ଏସ୍. ଚକ୍ରପାଣୀ ରେଡ୍ଡୀ, ଏସ୍. କ୍ରିଷ୍ଣା ରେଡ୍ଡୀ, ଆରମ୍ଭମ ରେଡ୍ଡୀ, ଟି. କ୍ରିଷ୍ଣା ରେଡ୍ଡୀଙ୍କ ସମେତ ବହୁ ପଦାଧିକାରୀ ମାନେ ଉପସ୍ଥିତ ଥିଲେ।

## ସମିତି ସଭ୍ୟ ସଂଘ ଗଠିତ



**କୁକୁଡ଼ାଖଣ୍ଡି, ୨୨।୧(ସମିସ):** କୁକୁଡ଼ାଖଣ୍ଡି ବ୍ଲକ ସମିତି ସଭ୍ୟ ସଂଘ ଗଠନ ହୋଇଯାଇଛି। ଏଥିରେ ସଭାପତି ରୂପେ କାହ୍ନୁ ଚରଣ ପାତ୍ର, ଉପସଭାପତି ବିଷ୍ଣୁପ୍ରିୟା ପାତ୍ର ଓ ଲକ୍ଷ୍ମୀ ସ୍ୱାଇଁ, ସାଧାରଣ ସମ୍ପାଦକ ଚଣ୍ଡୀ ଚରଣ ସାହୁ, ସମ୍ପାଦିକା-ସୁନିତା ସେଠୀ, ଯୁଗ୍ମ ସମ୍ପାଦକ ଅଶୋକ ଦାଶ ଓ ପ୍ରତିମା ମଲ୍ଲିକ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ସାହୁ ଏବଂ ରାଜଲକ୍ଷ୍ମୀ ଦାସଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିଲା। ଆଗାମୀ ଦିନରେ ସଂଗଠନକୁ ସୁଦୃଢ଼ କରିବା ପାଇଁ ସମସ୍ତେ ଏକମନ ହୋଇ କାମ କରିବା ପାଇଁ ଶପଥ ନେଇଥିଲେ। ସେହିପରି ସମିତି ମେମ୍ବରମାନଙ୍କ ହକ୍ ପାଇଁ ଲଢ଼େଇ ଜାରି ରହିବ। ରାଜ୍ୟସ୍ତରୀୟ ସମିତି ସଭ୍ୟ/ସଭ୍ୟା ସଂଗଠନ ଯେଉଁ ଆନ୍ଦୋଳନ ଜାରି ରଖିଛି ତାକୁ ସମସ୍ତେ ପୂର୍ଣ୍ଣ ସହମତରେ ସହଯୋଗ କରିବା ପାଇଁ ମତ ପ୍ରକାଶ କଲେ। ଅନ୍ୟମାନଙ୍କ ମଧ୍ୟରେ କେ. ସୁଜାତା, ମଦନ ନାୟକ, ରେବତୀ ବେହେରା, ଜଗନ୍ନାଥ ଭୂୟାଁ, ବିଷ୍ଣୁ ବେହେରା ଓ ସୁନୀତା ଦାସ ସଂଗଠନକୁ ସମର୍ଥନ କରିଥିଲେ।

## ଜଗନ୍ନାଥ ସଂସ୍କୃତି ଆଲୋଚନାଚକ୍ର



**ଖଲ୍ଲିକୋଟ,୨୨।୧(ସମିସ):** ସ୍ଥାନୀୟ ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ 'ନୂଆ-ଓ' (ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ-୨୦୨୪) ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନ ପରିପ୍ରେକ୍ଷୀରେ ଏକ ସାହିତ୍ୟ ପ୍ରତିଯୋଗିତା ଏବଂ ଆଲୋଚନାଚକ୍ର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁରେନ୍ଦ୍ର କୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ। ନାକ୍ ସଂଯୋଜକ ବିଜୟ ଚନ୍ଦ୍ରାକ୍ଷ ଦେଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଆବାହକ ଟି. ଅକ୍ଷୟ କୁମାର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡ. ମନ୍ମଥ ପାଢ଼ୀ ଯୋଗଦେଇ ଶ୍ରୀଜଗନ୍ନାଥଙ୍କର ଓଡ଼ିଆମାନଙ୍କ ସହ କିପରି ପ୍ରତ୍ୟକ୍ଷ ସମ୍ପର୍କ ରହିଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ଡ. ପାଢ଼ୀ ଓଡ଼ିଆ ସଂସ୍କୃତି ସହ ଜଗନ୍ନାଥ ସଂସ୍କୃତିର ସୁନ୍ଦର ସମନ୍ୱୟ କରିଥିଲେ। କାମେଶ୍ୱର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. ସୁନିଲ କୁମାର ପଟ୍ଟନାୟକ, କୃଷ୍ଣଚନ୍ଦ୍ର ତରାଇ, ପ୍ରହଲ୍ଲାଦ ନାହାକ, ସିତୁନ ପଢ଼ିଆରି, ଟି. ଶିବାନନ୍ଦ ବର୍ମା, ବିଜୟଲକ୍ଷ୍ମୀ ଶତପଥୀ, ରାଜୀବ କୁମାର ମହାପାତ୍ର, ଅକ୍ଷୟ କୁମାର ଦାଶ, ପ୍ରବୀଣ କୁମାର ବେହେରା ତଥା ମହାବିଦ୍ୟାଳୟ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶୁଭଶ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## 'ଆମ ଓଡ଼ିଶା-ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



**ଦିଗପହଣ୍ଡି, ୨୨।୧(ସମିସ):** ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ନିମନ୍ତେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ରବିବାର ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ଗ୍ରାମରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ବିଡିଓ ଡ. ଚିତ୍ତରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ସରପଞ୍ଚ ବି. ଆରତୀ ଦୋରା, ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ଏମ୍. ନିରଞ୍ଜନ ରେଡ୍ଡୀ, ବ୍ଲକ ବିଜେଡି ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ପ୍ରଧାନ, ଗଞ୍ଜାମ ଜିଲ୍ଲା ବିଜେଡି ଉପସଭାପତି ବି. କ୍ରିଷ୍ଣାରାଓ ସୁବୁଦ୍ଧି, ସମିତିସଭ୍ୟ କୃଷ୍ଣଚନ୍ଦ୍ର ସେଠୀ, ପୂର୍ବତନ ସମିତି ସଭ୍ୟ ସଦାନନ୍ଦ ଦୋରା, ସରପଞ୍ଚ ପ୍ରତିନିଧି ସନ୍ତୋଷ ଦୋରା, ସମିତିସଭ୍ୟ କୃଷ୍ଣଚନ୍ଦ୍ର ସେଠୀ, କନିଷ୍ଠ ଯନ୍ତ୍ରୀ ଇଂ. କାଳିଚରଣ ଷଡ଼ଙ୍ଗୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଜାଗିଲି ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରସାନନ୍ଦ ଘଡ଼େଇ ପ୍ରମୁଖ ଶିବିର ଶୁଭାରମ୍ଭ କରିଥିଲେ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାରେ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକ ସ୍ଥଳୀ ଓ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ରୂପାନ୍ତରୀକରଣ ଇତ୍ୟାଦି ସମ୍ପର୍କରେ ଦାସ କାଠିଆ ମାଧ୍ୟମରେ ପ୍ରଚାର କରାଯାଇଥିଲା। ଶେଷରେ ମହିଳାମାନଙ୍କ ବ୍ୟାଙ୍କିଂ କାର୍ଯ୍ୟ ନିମନ୍ତେ ଗୋକର୍ଣ୍ଣପୁର ମିଶନ ଶକ୍ତି ତରଫରୁ ବ୍ୟାଙ୍କ ମିତ୍ର ଜ୍ୟୋତି ରେଡ୍ଡୀଙ୍କୁ ଏକ ଲାପ୍‌ଟପ ପ୍ରଦାନ କରାଯାଇଥିଲା। ଗୋଷ୍ଠୀ ସମ୍ବଳ ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିବାବେଳେ ମାନସ ରଞ୍ଜନ ଦାସ, ବିଦେଶୀ ସେଠୀ, ବଂଶୀ ଦୋରା, ନାରାୟଣ ରେଡ୍ଡୀଙ୍କ ସମେତ ଅଙ୍ଗନବାଡ଼ି, ଆଶାକର୍ମୀ, ମହିଳା ଗୋଷ୍ଠୀ ଏବଂ ପଞ୍ଚାୟତବାସୀ ସହଯୋଗ କରିଥିଲେ।

### କଟନ୍ କର୍ପୋରେସନ ଅଫ ଇଣ୍ଡିଆର ଅଜବ ନୀତି

# ମୃତ ବାପ-ଅଜା ଜମିର ଉତ୍ପାଦିତ କପାକୁ ବିକି ପାରୁନାହାନ୍ତି ପୁଅ-ନାତି

**ଭବାନୀପାଟଣା, ୨୨।୧ (ସମିସ)**

ମଣ୍ଡିରେ ଧାନ ଓ କପା ବିକ୍ରିରେ ଅନିୟମିତତା ଓ କଟନୀଛଟନୀ କଥା କହି ବିଜେପି ନେତା ଇସ୍ୟୁ କରିବାକୁ ପ୍ରୟାସ କରି ବିଫଳ ହୋଇଥିଲେ। ବାସ୍ତବିକ ଚାଷୀର ମୌଳିକ ସମସ୍ୟା କଣ ବୁଝିବା ମଧ୍ୟ କାହାର ଆଗ୍ରହ ନ ଥିଲା। କେନ୍ଦ୍ର ସରକାର ଯେଉଁ ଏମଏସପି ଧାର୍ଯ୍ୟ କରିଛନ୍ତି ତାହା ଚାଷୀଙ୍କୁ ପୋଷାଉନି। ଏବେ କମ ଦରରେ କପା ବିକ୍ରି ଲାଗି ପରିସ୍ଥିତି ବାଧ୍ୟ କରୁଛି। ଦୁଇଟି ପ୍ରମୁଖ କାରଣ ଭିତରୁ ପ୍ରଥମଟି କପାର ଗୁଣବତ୍ତା ଆକଳନ କରି ଧାର୍ଯ୍ୟମୂଲ୍ୟଠାରୁ କଟନ କର୍ପୋରେସନ ଅଫ ଇଣ୍ଡିଆ କ୍ରୟ କରୁଛି। ଦ୍ୱିତୀୟଟି ହେଲା ମୃତ ବାପ ଅଜା ନାଁରେ ଥିବା ଜମିରେ ଯଦି ପୁଅ କି ନାତି କପା ଚାଷ କରିଛନ୍ତି ତେବେ ସେ କପା ବିକ୍ରି ସମୟରେ ନାକେଦମ ହେବାକୁ ପଡୁଛି। ମୃତ ବାପ ଅଜାର ଏଫିଡେଭିଟ କପି ଗ୍ରହଣଯୋଗ୍ୟ ହେଉନାହିଁ। ଯଦି ସମ୍ପୃକ୍ତ ଅଞ୍ଚଳର ଆରଆଇ ଲେଖିବା ସହ ମୃତ ପ୍ରମାଣପତ୍ର ଥିବ ତେବେ ଯାଇ କଟନ କର୍ପୋରେସନ ଅଫ ଇଣ୍ଡିଆ କପା କ୍ରୟ କରୁଛି। ଏଭଳି ନୀତିରେ କୋହଳ କରାଯିବାକୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସିସିଆଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଚିଠି ମାଧ୍ୟମରେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଚଳିତ ବର୍ଷ ପୂର୍ବାନୁମାନ ପ୍ରକାରେ କଳାହାଣ୍ଡିରେ ପ୍ରାୟ ୭ ଲକ୍ଷରୁ ୯ ଲକ୍ଷ କ୍ୱିଣ୍ଟାଲ କପା ବିକ୍ରିହେବା ସମ୍ଭାବନା ରହିଛି। କିନ୍ତୁ ଏଯାବତ ୨ଲକ୍ଷ ୪୩ ଲକ୍ଷ କ୍ୱିଣ୍ଟାଲ କପା ବିକ୍ରି ହୋଇପାରିଥିବା ବିଭାଗ ସୂତ୍ରରୁ ଜଣାପଡ଼ିଛି। ଯାହାକି ମୋଟ ଉପରେ ମାତ୍ର ୩୦ ପ୍ରତିଶତରୁ କପା ରଙ୍ଗହୀନ ହେବା ସହ ଆଦ୍ରତା ଓ ମଳିନ ହେବା ଭୟରେ ବାହାର ପ୍ରାଇଭେଟ ପାର୍ଟିକୁ କମ ଦରରେ ବିକ୍ରି କରିଦେଉଛି। ଗତବର୍ଷ କ୍ୱିଣ୍ଟାଲ ପିଛା ୯ ହଜାର ୫ ଶହ ଟଙ୍କା ଦରରେ କଳାହାଣ୍ଡି ଚାଷୀ ମହାରାଷ୍ଟ୍ର, ତେଲେଙ୍ଗାନା, ଗୁଜୁରାଟ, ଆନ୍ଧ୍ରପ୍ରଦେଶ,



### ବାହାର ବେପାରୀଙ୍କ ବାଟ ଓଗଳାଯାଉଛି

କମ କପା ଚାଷୀମାନେ ବିକ୍ରି କରିଛନ୍ତି। କପାର ଏମଏସପି ମୂଲ୍ୟ ୭୦୨୦ ଟଙ୍କା ରଖାଯାଇଛି। ତେବେ ବିଭିନ୍ନ କାରଣରୁ ଚାଷୀ ୬୩୦୦ଟଙ୍କାରେ କ୍ୱିଣ୍ଟାଲ ପିଛା କପା ବିକି କ୍ଷତିଗ୍ରସ୍ତ ହେଉଛି। ଅନେକ ସମୟରେ କପା ଦୀର୍ଘଦିନ ରହିଲେ ଛତିଶଗଡ଼ର ବଡ ବଡ ମିଲ ମାଲିକଙ୍କୁ ବିକ୍ରିକରି ବେଶ ଲାଭବାନ ହୋଇଥିଲା। ଚାଷୀ ପୂର୍ବବର୍ଷ ମିଲ୍ ମାଲିକଙ୍କ ପ୍ରତିନିଧି ଓ ଦଲାଲମାନଙ୍କୁ ପ୍ରାୟ ୭ ଲକ୍ଷ କ୍ୟୁଣ୍ଟାଲ କପା ବିକ୍ରି କରିଥିଲା। ଜୁନାଗଡ଼ରୁ ଟ୍ରେନ ଯୋଗେ ବାଙ୍ଗଲାଦେଶକୁ ମଧ୍ୟ କଳାହାଣ୍ଡି କପା ରପ୍ତାନୀ ହୋଇ ରେକର୍ଡ ସୃଷ୍ଟି କରିଥିଲା। ଏଠାର ବାହାରିଆ ପାର୍ଟି ଯେମିତି ନଆସିବେ ସେଥିନେଇ ପ୍ରଶାସନ ଲକ୍ଷ୍ମଣରେଖା ସ୍ୱରୂପ କଟକଣା ଜାରି କରିଛି। ତଥାପି ଚାଷୀ ସୁବିଧା ଦେଖି ବିଭିନ୍ନ ଘରୋଇ ସଂସ୍ଥା (କଟନ ମିଲ)କୁ ଦଲାଲ ଜରିଆରେ କମ ମୂଲ୍ୟରେ କପା ବିକୁଥିବା ନଜିର ରହିଛି। ଜିଲ୍ଲାର ଥୁଆମୂଳ ରାମପୁର, କଲମପୁର ଓ କୋକସରା ବ୍ଲକକୁ ବାଦ ଦେଲେ ଅନ୍ୟ ୧୦ଟି ବ୍ଲକରେ କପାଚାଷ ହୋଇଥାଏ। ଦ୍ୱିତୀୟତଃ କଳାହାଣ୍ଡି କପାର ବିଶେଷ ଗୁଣ ହେଲା ଏହା ଦୀର୍ଘ, ତନ୍ତୁଜାତୀୟ ଓ ଶକ୍ତ। କପା ଚାଷ ପାଇଁ ଚଳିତ ବର୍ଷ ୪୮, ୪୫୫ଜଣ ଚାଷୀଙ୍କ ନାମ ପଞ୍ଜୀକୃତ ହୋଇଛି। ପ୍ରାୟ ୭୧, ୪୮୪ ହେକ୍ଟର ଜମିରେ କପା ଚାଷ କରାଯାଇଥିବା କଥା କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି। ଏଥର ଭବାନୀପାଟଣା ବ୍ଲକର କର୍ଲାପଡ଼ା ମଣ୍ଡିରେ ଅଧିକ କପା ବିକ୍ରି ହୋଇଥିବା ବେଳେ କେସିଙ୍ଗାର ଉତ୍କେଲା ଓ ଜୁନାଗଡ଼ ବ୍ଲକର ଉଛଲା ମଣ୍ଡିରେ ଏବର୍ଷ ଆଶାଜନକ ଭାବେ କପା ବିକ୍ରି ହୋଇପାରିନାହିଁ। କଳାହାଣ୍ଡି ଜିଲ୍ଲାରେ ଜିନିଂ ମିଲ୍ ଓ ସ୍ପିନିଂ ମିଲ୍ ନଥିବା ବେଳେ କଟନ୍ କର୍ପୋରେସନ ଅଫ ଇଣ୍ଡିଆର ମନମାନି କାରଣରୁ କପା ଚାଷୀ ହନ୍ତସନ୍ତ ହେଉଛନ୍ତି। ଜିଲ୍ଲା ପ୍ରଶାସନ କପା ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ବିହିତ ପଦକ୍ଷେପ ନେବାକୁ ଚାଷୀ ମହଲରୁ ଦାବି ହୋଇଛି।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' ପଞ୍ଚାୟତସ୍ତରୀୟ ସଚେତନତା ଶିବିର

### ରସ ଜାମୁଡ଼ାଲି ଗୀତରେ ନାଚିଲେ ବିଧାୟକ

**ଜୁନାଗଡ଼, ୨୨।୧(ସମିସ):** ଜୁନାଗଡ଼ ବ୍ଲକ ଅନ୍ତର୍ଗତ ମୁଣ୍ଡରାଗୁଡା ପଞ୍ଚାୟତ ଆନୁକୂଲ୍ୟରେ ଚିଲିଗୁଡ଼ା ଇନ୍ଦ୍ରାବତୀ ପଡ଼ିଆରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଣ୍ଡରାଗୁଡା ସରପଞ୍ଚ ତାରା ଶଙ୍କର ରାୟଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ଆମ ଓଡ଼ିଶା ନବୀନ ଓଡ଼ିଶା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏଥିରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକର ରୂପାନ୍ତରୀକରଣ ବିଷୟରେ ମାର୍ଗଦର୍ଶନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସବିତା ମେହେର, ଉପାଧ୍ୟକ୍ଷ ପ୍ରମୋଦ ବେହେରା, ଜିଲ୍ଲା ପରିଷଦ ସଭ୍ୟା ସଙ୍ଗୀତା ଖର୍ସେଲ, ସମିତି ସଭ୍ୟ ଖଲିଲ ନାଏକ, ଲେଲି ଖର୍ସେଲ, ଧନମତି ମାଝି ଏବଂ ବିଏସଏସଓ ତୁଷାର ରଞ୍ଜନ ସାହୁ, କନିଷ୍ଠ ଯନ୍ତ୍ରୀ ସଞ୍ଜୟ ମଲିକ, ପିଇଓ ଆକାଶ କୁମାର ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସର୍ବେଶ୍ୱର ଭୋଇଙ୍କ ଗୀତ ଓ ନାଚରେ ଦର୍ଶକ ଝୁମିଥିଲେ। ରସ ଜାମୁଡାଲି ଗୀତରେ ଜୁନାଗଡ଼ ବିଧାୟକ ନାଚି ଲୋକଙ୍କ ମନ ଜିଣିଥିଲେ। ଏପରିକି ତାଙ୍କ ନାଚକୁ ଦେଖି ସମସ୍ତେ ଝୁମି ଉଠିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ ଏବଂ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ ସ୍ନିଗ୍ଧାରାଣୀ ସାହୁ, ବେଣୁଧର ବାଗ ଏବଂ ସତୀଶ ପ୍ରଧାନ। ଏଥିରେ ମୁଣ୍ଡରାଗୁଡା ପଞ୍ଚାୟତର ଜି ଆରଏ ସଦିବଳ ଚଲାନ, ଶଶାଙ୍କ ପାଢ଼ୀ, ଯୋଗାଣ ସହାୟକ ସନ୍ତୋଷ ନାଏକ, ନୂତନ କାଣ୍ଡ, ନେପାଳ ପଟେଲ ପ୍ରମୁଖ ସହଯୋଗ କରିଥିବାବେଳେ ପିଇଓ ଆକାଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




## ମର୍ଯ୍ୟାଦା ପୁରୁଷୋତ୍ତମ ରାମଙ୍କ ଗୀତ ଉନ୍ମୋଚିତ

**ବଲାଙ୍ଗିର, ୨୨।୧(ସମିସ):** ବଲାଙ୍ଗିର ସହରର ରାମଜୀ ମନ୍ଦିରଠାରେ ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ରାମଚନ୍ଦ୍ରଙ୍କର ଗୀତ ଉନ୍ମୋଚିତ ହୋଇଯାଇଛି। ପ୍ରଭୁ ଶ୍ରୀରାମଚନ୍ଦ୍ର ପ୍ରାଣ ପ୍ରତିଷ୍ଠା ଉତ୍ସବ ନେଇ ସାରା ଦେଶ ଭକ୍ତିମୟ ପରିବେଶ ହୋଇଥିବା ବେଳେ ଏହିପରି ସମୟରେ ପ୍ରଭୁ ରାମଙ୍କ କୋଶଲି ଭାଷାରେ ଏକ ସୁନ୍ଦର ଭଜନ ଆରକେ ମିଡିଆ ପ୍ରଯୋଜିତରେ ପ୍ରସ୍ତୁତ ହୋଇଛି। ବ୍ୟାସଦେବ ପୁରୋହିତ ଓ ପ୍ରତିନନ୍ଦ ମିଶ୍ର କଣ୍ଠଦାନ କରିଛନ୍ତି। ସଙ୍ଗୀତ ପରିଚାଳନା ଶାଶ୍ୱତ କୁମାରା ତ୍ରିପାଠୀ, କ୍ୟାମେରାରେ ଗୋପାଳ ମେହେର ଥିବା ବେଳେ ନିର୍ଦ୍ଦେଶକ ବିକାଶ କଟୁଆଲ ଓ ଏହାର ପ୍ରଯୋଜକ କବିରାଜ ହୋତା ରହିଛନ୍ତି। ଅଭିନେତା ଓ ଅଭିନେତ୍ରୀ ଅଶ୍ରୁମୋଚନ ମହାନ୍ତି, ଅନିତା ତ୍ରିପାଠୀ, ଦୁର୍ବାଦଳ ମହାକୁର, ଗୋପାଳ ପଣ୍ଡା, ରସରାଜ ଅଚ୍ୟୁତ ପୁରୋହିତ, କପିଳେଶ୍ୱର ଖମାରି, ସଂସ୍କୃତି ଷଡଙ୍ଗୀ, ପ୍ରଭାକର ମିଶ୍ର, ଜୟକୃଷ୍ଣ ମିଶ୍ର, ପ୍ରଶାନ୍ତ ମହାକୁର ଓ ଶାନ୍ତନୁ ବାରିକ ପ୍ରମୁଖ ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ ଜନଶୁଣାଣି

**ଭବାନୀପାଟଣା/ଜୟପାଟଣା, ୨୨।୧(ସମିସ):** ଜୟପାଟଣା ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତହସିଲଦାର ରଘୁନାଥ ମୁଣ୍ଡାରୀଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ



ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଜନଶୁଣାଣି ଶିବିରରେ ମୋଟ ୧୦ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୬ଟି ବ୍ୟକ୍ତିଗତ ଓ ୪ଟି ସାମୂହିକ ସମସ୍ୟା ସମ୍ବଳିତ ଥିଲା। ଗୋଟିଏ ଦରଖାସ୍ତର ତତ୍କାଳ ଶୁଣାଣି କରାଯାଇ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଜୟପାଟଣା ବ୍ଲକ ଖଲିଆଭଟା ଗ୍ରାମର ହୀରାବତି ସୁନାନୀଙ୍କୁ ୫ ହଜାର ଟଙ୍କା ସହାୟତା ମଞ୍ଜୁର କରାଯାଇଥିଲା।

## 'ସ୍ୱାତି' ପକ୍ଷରୁ ମହିଳାଙ୍କ ଆଇନ ସଚେତନତା କର୍ମଶାଳା

**ବଲାଙ୍ଗିର,୨୨।୧(ସମିସ):** ଜିଲ୍ଲା ପଞ୍ଚାୟତ ପ୍ରଶିକ୍ଷଣ ଗୃହରେ ସ୍ୱାତି ଅନୁଷ୍ଠାନ ପକ୍ଷରୁ ଓ ୟୁଏସ୍ କନସୁଲେଟ ଜେନେରାଲ ହାଇଦ୍ରାବାଦ ସହାୟତାରେ ମହିଳାଙ୍କ ପାଇଁ ଆଇନ ଗତ ସଚେତନତା ଉପରେ ଦୁଇଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ଅତିରିକ୍ତ ପ୍ରକଳ୍ପ ଅଧିକାରୀ (ପ୍ରଶାସନ) ତରଣୀ ସୁନା କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ବ୍ଲକରୁ ଅଙ୍ଗନବାଡି କର୍ମୀ, ସୁପରଭାଇଜର୍, ଆଶା, ୱାନ ଷ୍ଟପ୍ ସେଣ୍ଟର୍, ଛାତ୍ର-ଛାତ୍ରୀ, ଗୋଷ୍ଠୀ ସମ୍ବଳ ଅଧିକାରୀ, ମହାସଂଘ, ସ୍ୱଧାର ଗୃହ, ବ୍ୟାଙ୍କ ମିତ୍ର, ଏମବିକେ, ଶିକ୍ଷକ, ସରପଞ୍ଚ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ସାଧନା ଫାଉଣ୍ଡେସନର ସମ୍ପାଦିକା ସୁଜାତା ମହାପାତ୍ର ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅଧିକାରୀ ପୂଜାଫୁଲ ପଟ୍ଟନାୟକ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପ୍ରୋଗ୍ରାମ ମ୍ୟାନେଜର ଅଭିଜିତ ପଣ୍ଡା, ଜିଲ୍ଲା ପ୍ରକଳ୍ପ ସଂଯୋଜିକା ସୁମନ ଦ୍ୱିବେଦୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ ଉପସ୍ଥିତ ଥିଲେ। ଅଂଶଗ୍ରହଣକାରୀଙ୍କୁ ସାର୍ଟିଫିକେଟ ଓ ସହାୟକ ପୁସ୍ତିକା ପ୍ରଦାନ କରାଯାଇ ଶିକ୍ଷଣ କାର୍ଯ୍ୟକ୍ରମ ଉଦ୍ଯାପିତ ହୋଇଥିଲା।




## ଲାଞ୍ଜିଗଡ଼ରେ ସ୍ଥାପନ ହେବ ଦେଶର ସର୍ବବୃହତ ୧୮୧ ଫୁଟର ହନୁମାନ ମୂର୍ତ୍ତି

### ପୋଖରୀବନ୍ଧରେ ଭୂମିପୂଜନ

**ଲାଞ୍ଜିଗଡ଼, ୨୨।୧(ସମିସ):** ଅଯୋଧ୍ୟାରେ ଭଗବାନ ଶ୍ରୀରାମଚନ୍ଦ୍ରଙ୍କ ଭବ୍ୟ ମନ୍ଦିର ପାଇଁ ପ୍ରାଣ ପ୍ରତିଷ୍ଠା ଉତ୍ସବ ହେଉଥିବା



ବେଳେ ସୋମବାର ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧଠାରେ ଏହି ଉତ୍ସବକୁ ମହା ଆଡମ୍ବର ସହ ପାଳନ କରିଛନ୍ତି ଅଞ୍ଚଳବାସୀ। ଏହି ଅବସରରେ ପୋଖରୀବନ୍ଧଠାରେ ଭାରତର ସର୍ବବୃହତ୍ତ ୧୮୧ ଫୁଟର ହନୁମାନ ମୂର୍ତ୍ତି ନିର୍ମାଣ କରିବାପାଇଁ ଭୂମିପୂଜନ କରାଯାଇଛି। ସକାଳୁ ଶ୍ରୀରାମଙ୍କ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାପରେ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂଜକ ଭାବେ ପଞ୍ଚମୁଖୀ ହନୁମାନ ମନ୍ଦିର ସେବକ ନିତ୍ୟାନନ୍ଦ ଦାସ, ପୂଜକ ମାୟାଧର ଶତପଥି ପୂଜା କାର୍ଯ୍ୟ କରିଥିବା ବେଳେ କର୍ତ୍ତା ଭାବେ ରମେଶ ସାହୁ ଦାୟିତ୍ୱ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମରେ ଲାଞ୍ଜିଗଡ଼ ପୂର୍ବତନ ବିଧାୟକ ବଳଭଦ୍ର ମାଝୀ, ପ୍ରସନ୍ନ ପରିଡ଼ା, ଶୋଭନ ଭୋଇ ସମେତ ବିନାୟକପୁର, ଜାରିଂପଟା, ଇରକୁଳି, ମେଲଘୁଟୁ, ପୋଡାଉମେର, ଲୋକନାଥପୁର ଆଦି ଅଞ୍ଚଳରେ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ରମେଶ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ହନୁମାନ ବାଟିକା କମିଟର ଭବାନୀ ବଣ୍ଡୁଆ, ସନାତନ ବିଶି, ବିକ୍ରମ ବାରିକ, ଭାଗିରଥି ବଣ୍ଡୁଆ, ମାୟାଧର ବେହେରା, ସଂକୀର୍ତ୍ତନ ବେହେରା, ପୋକରୀବନ୍ଧ ସରପଞ୍ଚ ସସ୍ମିତା ମାଝୀ, ତିରୁପତି ପାତ୍ର ସମେତ ଶତାଧିକ ଅଞ୍ଚଳବାସୀ ସହଯୋଗ କରିଥିଲେ।

## ଶ୍ରୀରାମ ମନ୍ଦିର ପ୍ରାଣପ୍ରତିଷ୍ଠା ଉପଲକ୍ଷେ ମାଗଣା ସ୍ୱାସ୍ଥ୍ୟ ଶିବିର

**ଚାରବାହାଲ, ୨୨।୧(ସମିସ):** ଶ୍ରୀରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉପଲକ୍ଷେ ଚାରବାହାଲଠାରେ ଏକ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଓ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। କୃପାସିନ୍ଧୁ ସାଂସ୍କୃତିକ ପରିଷଦ ପକ୍ଷରୁ ଆରୋଗ୍ୟ ପାଥୋଲୋଜି ସହଯୋଗରେ ଆୟୋଜିତ ଏହି ଶିବିରକୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଡାକ୍ତର ଦୀନବନ୍ଧୁ ସାହାଣି ଉଦଘାଟନ କରିଥିଲେ।



ସେହିପରି ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଲଳିତ କିଶୋର ପଣ୍ଡା ଓ ଜାନକୀରାମ ପାନ ପ୍ରମୁଖ ଯୋଗଦେଇ ଥିଲେ। ପରିଷଦର ସଭାପତି ଜ୍ଞାନ ରଞ୍ଜନ ପଣ୍ଡା ଓ ଆଦିତ୍ୟ କୁମାର ପଣ୍ଡା କାର୍ଯକ୍ରମ ପରିଚାଳନା କରିଥିଲେ। ମୁଖ୍ୟ ସହଯୋଗୀ ଚନ୍ଦ୍ରଶେଖର କହଁର ଉପସ୍ଥିତ ଥିଲେ। ଶିବିରରେ ଅଞ୍ଚଳର ଶତାଧିକ ଲୋକ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ମଧୁମେହ, ରକ୍ତ ବର୍ଗୀକରଣ ଓ ହିମୋଗ୍ଲୋବିନ ପରୀକ୍ଷା କରିଥିଲେ।

## ସିକେରପାଟ ଯାତ୍ରାରେ ବିଧାୟକ ସାମିଲ

**ଦେଓଗାଁ, ୨୨।୧(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ସାଲେପାଲି ପଞ୍ଚାୟତ ଅନ୍ତର୍ଗତ ସାଲେପାଲିରେ ଅନୁଷ୍ଠିତ ସିକେରପାଟ ଯାତ୍ରାରେ ବିଧାୟକ ନରସିଂହ ମିଶ୍ର ଯୋଗଦେଇଛନ୍ତି।



ଦୀର୍ଘ ୪୦/୫୦ ବର୍ଷ ହେଲା ଅନୁଷ୍ଠିତ ହୋଇଆସୁଥିବା ଏହିଯାତ୍ରାରେ ଚଳିତବର୍ଷ ଜଗଦୀଶ ନନ୍ଦ ପୂଝାରୀ ଦାୟିତ୍ୱ ତୁଲାଇଥିଲେ। ମାନସିକଧାରୀଙ୍କ ଅତୁଟ ଆସ୍ଥା ଓ ବିଶ୍ୱାସ ରହିଆସିଥିବାରୁ ଚଳିତ ବର୍ଷ ମଧ୍ୟ ଶ୍ରଦ୍ଧାଳୁମାନେ ଯାତ୍ରାରେ ଉପସ୍ଥିତ ରହି ଆଶୀର୍ବାଦ ଭିକ୍ଷା କରିଥିଲେ। ଏ ଅବସରରେ ବିଧାୟକ ମିଶ୍ର ଯୋଗଦେଇ ଆଶୀର୍ବାଦ ଭିକ୍ଷା କରିଥିଲେ। କାର୍ଯ୍ୟକ୍ରମକୁ ଗ୍ରାମବାସୀ ସହଯୋଗ କରିଥିଲେ।

## ପୌରାଞ୍ଚଳ ଯାଦବ ମହାସଭାର ନୂତନ କର୍ମକର୍ତ୍ତା

**ବଲାଙ୍ଗିର, ୨୨।୧(ସମିସ):** ବଲାଙ୍ଗିର ଯାଦବ ଭବନଠାରେ ସମସ୍ତ କର୍ମକର୍ତ୍ତାଙ୍କୁ ନେଇ ସତ୍ୟନାରାୟଣ ବାଗଙ୍କ ସଭାପତିତ୍ୱରେ ନୂତନ ଭାବେ ବଲାଙ୍ଗିର ପୌ÷ରାଞ୍ଚଳ ଯାଦବ ମହାସଭାର ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଯାଇଛି। ସଭାପତି ଭାବରେ ସନ୍ଦିପ ବାଗ, ଉପ-ସଭାପତି ସରୋଜ ଗହିର, ସମ୍ପାଦକ ବସନ୍ତ ଷାଣ୍ଡ, କୋଷାଧ୍ୟକ୍ଷ ବାସୁଦେବ ନାଗ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ସହ-ସମ୍ପାଦକ ଅଷ୍ଟମି ବରର୍ତ୍ତି ନିର୍ଦ୍ୱନ୍ଦ୍ୱରେ ମନୋନୀତ ହୋଇଥିଲେ। ଜିଲ୍ଲା ମୁଖ୍ୟ ଉପଦେଷ୍ଟା ସତ୍ୟନାରାୟଣ ବାଗ ନିର୍ବାଚନ ପରିଚାଳନା କରିଥିଲେ। ପରିଚାଳନା କମିଟିରେ ବାସୁଦେବ ନାଗ, ଅରକ୍ଷିତ କୁଏଡ, ପଙ୍କଜ ସେଲମା, ହରିଶଙ୍କର ଛତ୍ରିଆ, ଦିଗାମ୍ବର ମାଝି, ଅରବିନ୍ଦ ପରୁଆ, ମର୍ମୟୀ ଭୋଇ, ଦମୟନ୍ତି ବାଗ, ଆର୍ତ୍ତତ୍ରାଣ ବାଗ ପ୍ରମୁଖ ମଞ୍ଚାସୀନ ଥିଲେ। ଶେଷରେ ପୂର୍ବତନ ପୌ÷ରାଞ୍ଚଳ ସଭାପତି ପଙ୍କଜ ସେଲମା ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ।



### ଧନୁଯାତ୍ରା ପଛର କାହାଣୀ

# ମାନସିକ ପୂରଣ ପାଇଁ କରାଯାଉଥିଲା ଧନୁଯାତ୍ରା

**ବଲାଙ୍ଗିର, ୨୨।୧(ସମିସ)**

ଖୋଲା ମଞ୍ଚରେ କରାଯାଉଥିବା ନାଟକ ମଧ୍ୟରେ ପଶ୍ଚିମ ଓଡ଼ିଶାର ଧନୁଯାତ୍ରା ଅନ୍ୟତମ। ବରଗଡ଼ରେ କରାଯାଉଥିବା ଧନୁଯାତ୍ରା ବିଶ୍ୱପ୍ରସିଦ୍ଧ। ପଶ୍ଚିମ ଓଡ଼ିଶାରେ ଏଭଳି ଅନେକ ସ୍ଥାନ ରହିଛି ଯେଉଁଠି ଶହେ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଧନୁଯାତ୍ରା ଆୟୋଜନ କରାଯାଉଛି। ପରମ୍ପରାଗତ ଭାବରେ ପିଢି ପରେ ପିଢି ଏହାକୁ ଆୟୋଜନ କରୁଛନ୍ତି। ସମୟ ସାଙ୍ଗରେ ଧନୁଯାତ୍ରା ଆୟୋଜନର ଢାଞ୍ଚା ବଦଳିଛି ମାତ୍ର ଆଜି ବି ଲୋକଙ୍କ ମନରେ ବିଶ୍ୱାସ ରହିଛି।

ଧନୁଯାତ୍ରାର ଉତ୍ପତ୍ତିରେ ବୟସ୍କ କଳାକାରଙ୍କ ସହ ଆଲୋଚନା କଲେ ଜଣାପଡେ ଯେ ଏହି ଯାତ୍ରାକୁ ମାନସିକ ପୂରଣ ପାଇଁ ବ୍ୟକ୍ତିଗତ ଭାବରେ ଆୟୋଜନ କରୁଥଲେ। ସେ ସମୟରେ ପୁରାଣ ଗାୟନ କରି କିମ୍ବା ସଂକୀର୍ତ୍ତନ, ପାଲା, ଦାଶକାଠିଆ ମାଧ୍ୟମରେ ଧନୁଯାତ୍ରାର ମାହାତ୍ମ୍ୟ ବୁଝାଯାଉଥିଲା। ବଲାଙ୍ଗିର ସଦର ମହକୁମାଠାରୁ ଅନତି ଦୂରରେ ରହିଥିବା ଭାଲେର ଗାଁରେ ଧନୁଯାତ୍ରା ଆୟୋଜନ ଚଳିତଥର ୧୦୪ ବର୍ଷରେ ପହଞ୍ଚିଛି। ଗାଁ ଲୋକ, ତଥା ଧନୁପୂଜା କରୁଥିବା ପରିବାର ଲୋକଙ୍କ କହିବା ଅନୁସାରେ ଭାଲେର ଗାଁରେ ରହୁଥିବା ଦଧି ପଟେଲଙ୍କ ବିବାହର ଅନେକ ବର୍ଷ ପରେବି ସନ୍ତାନ ଲାଭ ହେଉ ନଥିଲା। ତେଣୁକରି ସେ ଓ ତାଙ୍କର ଧର୍ମପତ୍ନୀ ସନ୍ତାନ ପ୍ରାପ୍ତି ଆଶାରେ ଶିବଙ୍କ ଉପାସନା ଆରମ୍ଭ କରିଥିଲେ। ତେବେ ଧନୁ ପୂଜା କଲେ ତାଙ୍କର ମନସ୍କାମନା ପୂର୍ଣ୍ଣ ହେବ ବୋଲି ସ୍ୱପ୍ନାଦେଶ ମିଳିବା ପରେ ସେମାନେ ଘରେ ଏକ ଧନୁ ରଖି ତାକୁ ପୂଜାକରିବା ଆରମ୍ଭ କରିଥିଲେ। ତାଙ୍କର ଏକ ପୁତ୍ର ସନ୍ତାନ ଜାତ ହେଲା। ମନସ୍କାମନା ପୂର୍ଣ୍ଣ ହେଲା ଭାବି ସେମାନେ ଧନୁକୁ ପୂଜା କରିବା ବନ୍ଦ କରିଦେଲେ ଫଳରେ ସେହି ପୁଅଟି ଧନୁ ଧନୁ କହି ମୃତ୍ୟୁବରଣ କଲା। ଏହା ଇଶ୍ୱରଙ୍କ କୋପ ବୋଲି ଜାଣିପାରି ପ୍ରତିବର୍ଷ ଧନୁଯାତ୍ରା କରିବା ଆରମ୍ଭ କଲେ ପରେ ପୁଣି ତାଙ୍କର ସନ୍ତାନ ପ୍ରାପ୍ତି ହୋଇଥିଲା। ସେ ସମୟରେ ଗାଁ ଦାଣ୍ଡରେ ଏହି ଯାତ୍ରା କରାଯାଉଥିଲା। ସାତଦିନ ଧରି ହରିବଂଶ ପୁରାଣର ପ୍ରଥମରୁ ତୃତୀୟ ଖଣ୍ଡ ଗାନ କରାଯାଉଥିଲା। ଅହୋରାତ୍ର ସଂକୀର୍ତ୍ତନ୍ୟ, ପାଲା, ଦାସକାଠିଆ କାର୍ଯ୍ୟକ୍ରମ ପରିବେଷଣ କରି ଏହାର ମାହତ୍ମ୍ୟ ଲୋକଙ୍କୁ ବୁଝାଯାଉଥିଲା। ପରବର୍ତ୍ତୀ ସମୟରେ ଭାଲେର ଗାଁବାସୀଙ୍କ ପ୍ରଚେଷ୍ଟାରେ ଧନୁଯାତ୍ରା ସାଂସ୍କୃତିକ ପରିଷଦ ଗଠନ କରାଯାଇ ଭାଲେର ହାଇସ୍କୁଲ ପଡ଼ିଆରେ



ମହାଆଡମ୍ବରରେ ଧନୁଯାତ୍ରା କରାଯାଉଛି। ସେହିଭଳି ତୁଷୁରା ଅଞ୍ଚଳରେ ରହିଥିବା ତୁର୍କୀ ଗାଁର ଧନୁଯାତ୍ରା ଆୟୋଜନକୁ ୧୪୮ ବର୍ଷ ପୂରିଛି। ଗ୍ରାମବାସୀଙ୍କ କହିବା ଅନୁସାରେ ଏହି ଗ୍ରାମରେ ଦୁର୍ଭିକ୍ଷ ପଡ଼ିଥିଲା। ଲୋକେ ଖାଇବାକୁ ପାଉ ନଥିଲେ। ଫଳରେ ସେମାନେ ଧନୁସ୍ୱରପ ପଞ୍ଚତନ୍ତ୍ର ଦେବତାଙ୍କୁ ପୂଜା କରିବା ପରେ ଦୁର୍ଭିକ୍ଷ ଦୂର ହୋଇଥିଲା। ତେଣୁକରି ପ୍ରତିବର୍ଷ ଗ୍ରାମବାସୀଙ୍କ ପ୍ରଚେଷ୍ଟାରେ ଧନୁଯାତ୍ରା କରାଯାଉଛି। ଧନୁଯାତ୍ରାରେ ଦ୍ୱାପର ଯୁଗର ପୌରାଣିକ କାହାଣୀକୁ ନାଟକ ମାଧ୍ୟମରେ ଦେଖାଯାଏ। ୫୦ରୁ ଉର୍ଦ୍ଧ୍ୱ ମଞ୍ଚରେ କଂସ ଭୂମିକାରେ ଅଭିନୟ କରିଥିବା ବରିଷ୍ଠ କଳାକାର ରାଧାକାନ୍ତ ନାଏକଙ୍କ କହିବା ଅନୁସାରେ ଧନୁଯାତ୍ରା ଲୋକଙ୍କ ଅଗାଢ ଭକ୍ତିଭାବ ଓ ନିଜର ପରମ୍ପରାକୁ ବିଖ୍ୟାତ କରିବାର ପ୍ରଚେଷ୍ଟାକୁ ଦର୍ଶାଏ। ଏହାଦ୍ୱାରା ଗ୍ରାମାଞ୍ଚଳରେ ଏକତା ଭାଇଚାରା ସୃଷ୍ଟି ହେବା ସହିତ ଅନ୍ୟାୟ, ଅତ୍ୟାଚାର ଉପରେ ପ୍ରେମ ଓ ସତ୍ୟର ବିଜୟ କାହାଣୀର ବାର୍ତ୍ତା ପ୍ରସାରଣ ହୁଏ। ପଶ୍ଚିମାଞ୍ଚଳରେ ଆୟୋଜନ କରାଯାଉଥିବା ଧନୁଯାତ୍ରା ଅନେକ ପୁରୁଣା; ତେଣୁକରି ଏହା ଉପରେ ଗଭୀର ଅଧ୍ୟୟନ ଓ ଗବେଷଣାର ଆବଶ୍ୟକ ରହିଛି।

### ଭାଲେର୍ ଧନୁଯାତ୍ରା ତିନ୍ ନମର୍ ଦିନ୍

## ଗୋପପୁରେ ନନ୍ଦ ଉତ୍ସବ

***ବଲାଙ୍ଗିର, ୨୨।୧(ସମିସ):*** *ନନ୍ଦ-ଯଶୋଦା ଘରେ ସୁନ୍ଦରା ପୁଓଟେ ଜନମ୍ ହେଇଛେ। ଦେଖିଦେଲେ ମନ୍ ଘିନି ନେଉଛେ। ନନ୍ଦ ରଜା ପୁଓ ପାଇଛନ୍ ବଲି ନନ୍ଦ ଉତ୍ସବ କରି ନଚାଡେଗାରେ ମାତିଛନ୍। ଇ ସମିଆରେ ଗୋପପୁରେ ପହଁଚିଛେ ପୁତନା ଅସୁରେନ୍। ବିଷ୍ ଗୁରସ୍ ପିଏଇ କରି ମାରବାର୍ ଚିନ୍ତାରେ ଆସିଥିବା ପୁତନା କେ କୃଷ୍ଣ ମହାପ୍ରୁ ମାରିଛନ୍। କଂସ୍ ରଜା ଇ ଖବର୍ ପାଏଲା ଉତାରୁ ଫେର୍ ଅଷ୍ଟମଲ୍ଲ କେ ପଠେଇଛେ। ଏନ୍ତା ହୁରଦ୍ ଛିଆଁ ନାଟକ୍ ଦେଖବାର୍ ଲାଗି ଭାଲେର୍ ଗାଁ ଆର୍ ହାଇସ୍କୁଲ ପଡ଼ିଆ ନେ ଥିବାର୍ କଂସ ଦରବାର୍ ଥି ବନେ ଭିଡ ହେଉଛେ।*

*ସୋମବାର୍ ଭାଲେର୍ ଧନୁଯାତ୍ରା ତିନ୍ ନମର୍ ଦିନେ ପହଞ୍ଚିଛେ। ମାଏନତା କୁନୁଆ ହିସାବେ ବିଡିସିସି ବ୍ୟାଙ୍କ ସଭାପତି ସ୍ମାରକ ମିଶ୍ର, ବିଜେଡୀ ନେତ୍ରୀ ରଞ୍ଜୁ ରାଏମନ୍ ମଞ୍ଚାନ୍ ଠାନେ ବସିଥିଲେ। ଧନୁଯାତ୍ରା ସାଂସ୍କୃତିକ୍ ପରିଷଦ ଭାଲେର୍ ର ସଭାପତି ବ୍ରହ୍ମାନନ୍ଦ ନାଏକ, ସମ୍ପାଦକ ସୁମନ୍ତ ନାଏକ୍ ଙ୍କର ଦେଖାରେଖା ଥି କାର୍ଯ୍ୟକ୍ରମ ଚାଲିଛେ। ଗାଁର୍ ସିଆନ୍ ଯୁଆନ୍ କାର୍ଯ୍ୟକ୍ରମ ଥି ବନେ ସକଁଲା ବେଟା କରୁଛନ୍। ଦରବାର୍ କାର୍ଯ୍ୟକ୍ରମ୍ ସରଲା ଉତାରୁ ନୂଆପଡ଼ା ନୁ ଆସିଥିବାର କଳାକାର୍ ମାନେ ନାଚ ଗୀତ କରିଥିଲେ।*

# ଅଘୋଷିତ ନିଯୁକ୍ତି କେନ୍ଦ୍ର ପାଲଟିଛି ଶ୍ରମିକ ସଂଗଠନ କାର୍ଯ୍ୟାଳୟ

■ ସଂଗଠନ ନାଁରେ ଚାଲିଛି ରାକେଟ୍
■ ସ୍ଥାନୀୟ ଶିକ୍ଷିତ ଯୁବକଯୁବତୀ ନିରାଶ

**ପାରାଦୀପ, ୨୨।୧(ସମିସ):** କମ୍ପାନୀରେ ଚାକିରି କରାଇଦେବା ନାଁରେ ସୀମା ଟପିଲାଣି ଠକେଇ। ଏଥିରେ ଶିକାର ହେଉଛନ୍ତି ନିରୀହ ଯୁବକ ଯୁବତୀ। ବନ୍ଦର ନଗରୀ ପାରାଦୀପରେ ଗଢି ଉଠିଥିବା ବିଭିନ୍ନ ଶିଳ୍ପ ସଂସ୍ଥାରେ ଚାକିରି କରାଇଦେବା ଆଳରେ ଠକେଇ ସୀମା ଟପିଲାଣି। ପାରାଦୀପ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଶିକ୍ଷିତ ଯୁବକଯୁବତୀମାନଙ୍କୁ ପ୍ରଲୋଭିତ କରି କିଛି ବ୍ୟକ୍ତି ଏହାକୁ ରୋଜଗାର ମାଧ୍ୟମ କରିଛନ୍ତି। ଏନେଇ ଅତୀତରେ ପାରାଦୀପର ବିଭିନ୍ନ ଥାନାରେ ମାଳ ମାଳ ଅଭିଯୋଗ ରହିଛି। କାର୍ଯ୍ୟାନୁଷ୍ଠାନ ଅଭାବରୁ ଦଲାଲମାନେ ସକ୍ରିୟ ହୋଇ ପଡ଼ିଛନ୍ତି। ଏପରିକି କିଛି ଶ୍ରମିକ ସଂଗଠନର ନେତା ଓ ଅଗଧାଡ଼ିର ନେତୃତ୍ୱ ଏହି ର୍‌ୟାକେଟ୍‌ରେ ଅଂଶୀଦାର ଥିବା ଚର୍ଚ୍ଚା ହେଉଛି। ଶ୍ରମିକ ସଂଗଠନ କରି ସ୍ଥାନୀୟ ଯୁବକଯୁବତୀମାନଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଏ ବାବଦରେ ମୋଟା ଅଙ୍କର ଅର୍ଥ ଆଦାୟ କରୁଥିବା ଅଭିଯୋଗ ହୋଇଛି। ପାରାଦୀପରେ ଗଢି ଉଠୁଥିବା ଗଣ୍ଡା ଗଣ୍ଡା ଶ୍ରମିକ ସଂଗଠନର ହିସାବ ମଧ୍ୟ ଜିଲ୍ଲା ପ୍ରଶାସନ ପାଖରେ ନାହିଁ। ଶ୍ରମିକ ସଂଗଠନର କାର୍ଯ୍ୟ, ଏହାର ଆୟବ୍ୟୟ ଓ ବୈଧତାକୁ ନେଇ ଜିଲ୍ଲା ପ୍ରଶାସନ ଓ ପୁଲିସ କୌଣସି ପଦକ୍ଷେପ ନେଉ ନଥିବାରୁ ସ୍ଥାନୀୟ ଯୁବକମାନେ ଏହି ଠକାମୀର ଶିକାର ହେଉଛନ୍ତି। ଶ୍ରମିକ ସଂଗଠନ ଓ ଏହାର ନେତାମାନେ କୋଟି କୋଟି ଟଙ୍କା କେଉଁ ସୂତ୍ରରୁ ଆଦାୟ କରୁଛନ୍ତି ତାର ମଧ୍ୟ ହିସାବ ରହୁନାହିଁ। ତେଣୁ ପୁଲିସ ଓ ପ୍ରଶାସନ ଏ ଦିଗରେ ଧ୍ୟାନ ଦେବାକୁ ଦାବି ହେଉଛି।

ପାରାଦୀପ ଭାରତୀୟ ତୈଳ ବିଶୋଧନାଗାର, ପାରାଦୀପ ବନ୍ଦର, ମିତ୍ତଲ ନିପ୍ପନ ଷ୍ଟିଲ, ଜେଏସ୍‌ଡବ୍ଲ୍ୟୁ, ପିପିଏଲ, ଇଫ୍‌କୋଙ୍କ ସହିତ ଗୋଆକାର୍ବନ, କଳିଙ୍ଗ କାଲସିନର ଅଦାନୀ ଉଇଲମାର୍, ବିଅର ଫ୍ୟାକ୍ଟ୍ରି ଭଳି ଛୋଟ ଛୋଟ କମ୍ପାନୀ ରହିଛନ୍ତି। ଏହାବ୍ୟତୀତ ବନ୍ଦର ମଧ୍ୟରେ ପିଆଇସିଟି ଭଳି କେତେକ ସଂସ୍ଥା ମଧ୍ୟ ରହିଛି। ସ୍ଥାନୀୟ ଲୋକମାନେ ଏହି ଶିଳ୍ପ ପାଇଁ ହଜାର ହଜାର ଏକର ଚାଷ ଜମି ମଧ୍ୟ ହରାଇଛନ୍ତି। ମାତ୍ର ଥଇଥାନ ଭିତ୍ତିରେ ସେମାନଙ୍କୁ ନିଯୁକ୍ତି ମିଳିନାହିଁ। ଫଳରେ ପାରାଦୀପ ଓ ଏହାର ଆଖପାଖ ଅଞ୍ଚଳରେ ଶିକ୍ଷିତ ଯୁବକ ଯୁବତୀମାନେ ଚାକିରି ପାଇଁ ଏଭଳି ଠକଙ୍କ ହାବୁଡ଼ରେ ପଡୁଛନ୍ତି। ବନ୍ଦର ନଗରୀ ପାରାଦୀପରେ ଏହି ଠକେଇ ବଢୁଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ଗ୍ରହଣ କରାଯାଉ ନାହିଁ। ଶ୍ରମିକ ସଂଗଠନ ଆଳରେ କିଛି ମାଫିଆ ଯୁବକ ଯୁବତୀମାନଙ୍କୁ ଶୋଷଣ କରିବାରେ ଲାଗିଛନ୍ତି।

# 'ନୂଆ-ଓ' ସାହିତ୍ୟ ପ୍ରତିଯୋଗିତା ଓ ଜାତୀୟ ସମ୍ମାନ



**ପଟ୍ଟାମୁଣ୍ଡାଇ, ୨୨।୧(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀ କଲେଜ 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାର ମିଳିତ ଆନୁକୂଲ୍ୟରେ ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ ଶୀର୍ଷକ ଜାତୀୟ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ଡ଼ ସୁବାଷ ଜେନାଙ୍କ ପୌରୋହିତ୍ୟ ଓ ଓଡ଼ିଆ ବିଭାଗ ମୁଖ୍ୟ ଡ଼ ମନୋରଞ୍ଜନ ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ସହକାରୀ ପ୍ରଫେସର ଡ଼ ସଂଘମିତ୍ରା ବେହେରା ମୁଖ୍ୟଅତିଥି ଓ ପଟ୍ଟାମୁଣ୍ଡାଇ କଲେଜ ପ୍ରାକ୍ତନ ଓଡ଼ିଆ ବିଭାଗ ପ୍ରାଧ୍ୟାପକ ଡ଼ ନୀଳମଣି ଲେଙ୍କା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବିଷୟ ଭିତ୍ତିକ ଆଲୋଚନା କରିଥିଲେ ଓ ପ୍ରାଧ୍ୟାପିକା ମମତାମୟୀ ପଟନାୟକ, ଡ଼ ଗୌରୀ କୁମାର ସାମଲ, ଅଧ୍ୟାପକ ପ୍ରଶାନ୍ତ ସାମଲ, ଅଧ୍ୟାପକ ଜଗନ୍ନାଥ ବେହେରା ଅଧ୍ୟାପକ ଡ଼ ଚିନ୍ମୟ ପ୍ରଧାନ, ଅଧ୍ୟାପକ ସୁଧାଂଶୁ ସାମଲ, ଅଧ୍ୟାପକ ସତ୍ୟଜିତ ବେହେରା ଓ ଅଧ୍ୟାପିକା ସୁମିତ୍ରା ସେଠୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ଓ ଅଧ୍ୟାପକ ତାପସ ରାଉତ ସ୍ୱାଗତ ଭାଷଣ ଓ ଅଧ୍ୟାପକ ମାନସ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଶେଷରେ ଅଧ୍ୟାପକ କାହ୍ନୁ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ଶ୍ରୀରାମ ମନ୍ଦିରର ପଞ୍ଚମ ବାର୍ଷିକ ପ୍ରତିଷ୍ଠା ଉତ୍ସବ



**ଡେରାବିଶ, ୨୨।୧(ସମିସ):** ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ଦ୍ଧାମୂଳ, ଖାନନଗର, ପାଣିଓଳା ଗ୍ରାମର ଶ୍ରୀ ରଘୁନାଥଜୀଉ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ। ଅର୍ଦ୍ଧାମୂଳ ସ୍ଥିତ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ନୂତନ ମନ୍ଦିରର ପଞ୍ଚମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ତଥା ବିଶ୍ୱଶାନ୍ତି ମହାଯଜ୍ଞ ଆଜି ଆରମ୍ଭ ହୋଇଛି। ଗତକାଲି ଏହାର ଶୁଭାଧିବାସ ଥିବା ବେଳେ ଆଜି ପ୍ରତ୍ୟୁଷରୁ ପବିତ୍ର ଲୁଣାନଦୀରୁ ପୂଜାର୍ଚ୍ଚନା କରି ଶତାଧିକ ପୁରୁଷ ଓ ମହିଳା ଶୁଭ କଳସଧରି ଶୋଭାଯାତ୍ରାରେ ମନ୍ଦିର ବେଢ଼ାକୁ ଆଣିବା ପରେ ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇଥିଲା। ଆସନ୍ତା ମଙ୍ଗଳବାର ଯଜ୍ଞର ପୂର୍ଣ୍ଣାହୂତି ପ୍ରଦାନ କରାଯିବ। ଏହି ଯଜ୍ଞରେ ତିନିଦିନ ଧରି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ ସହ ବିଶିଷ୍ଟ ପ୍ରବଚକମାନେ ପ୍ରବଚନ ଦେବେବୋଲି ପରିଷଦର କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ତିନୋଟି ଗ୍ରାମର ଶ୍ରଦ୍ଧାଳୁ ଭକ୍ତମାନେ ଅଂଶଗ୍ରହଣ କରୁଥିବା ବେଳେ ତିନିଦିନ ଧରି ଅହୋରାତ୍ର ପ୍ରସାଦ ସେବନର ବ୍ୟବସ୍ଥା ରହିଛି।

# ରାମଚଣ୍ଡୀ ସଂସ୍କୃତ ମହାବିଦ୍ୟାଳୟରେ ଭାଷା ସାହିତ୍ୟ ପ୍ରତିଯୋଗିତା




**ଡେରାବିଶ, ୨୨।୧(ସମିସ):** ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ମୁଣ୍ଡାଳୋ ସ୍ଥିତ ରାମଚଣ୍ଡୀ ସଂସ୍କୃତ ମହାବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ 'ନୂଆ-ଓ' ଯୋଜନାରେ ଭାଷା, ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଆର୍ତ୍ତତ୍ରାଣ ବିଶ୍ୱାଳ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବରେ ଅଧ୍ୟାପକ ରୀନା ମିଶ୍ର, ମୁଖ୍ୟ ବକ୍ତା ଭାବରେ ଅଧ୍ୟାପକ ନିଶିକାନ୍ତ ପଣ୍ଡା ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟର ଇତିହାସ ଓ ସଂସ୍କୃତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କେନ୍ଦ୍ରାପଡ଼ା ଜୋନ ସ୍ତରୀୟ ପ୍ରତିଯୋଗିତା ପାଇଁ ରାମଚଣ୍ଡୀ ସଂସ୍କୃତ ମହାବିଦ୍ୟାଳୟରେ ସାହିତ୍ୟର ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀ ଚୟନ କରାଯାଇଥିଲା। ପ୍ରତିଯୋଗିତା ଗୁଡ଼ିକୁ ଅଧ୍ୟାପିକା ହରିପ୍ରିୟା ପରିଡ଼ା, ଅଧ୍ୟାପକ କୈଳାସ ଚନ୍ଦ୍ର ରଥ ପରିଚାଳନା କରିଥିବା ବେଳେ ବରିଷ୍ଠ ଲିପିକ ପ୍ରଦୀପ କୁମାର ନାୟକ, କୈଳାସ ଚନ୍ଦ୍ର ନାୟକ, ରମେଶ ଚନ୍ଦ୍ର ସ୍ୱାଇଁ ଏବଂ ଶରତ ଚନ୍ଦ୍ର ମଳିକ ସହଯୋଗ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ନୋଡାଲ୍ ଅଧିକାରୀ ଅଧ୍ୟାପକ ରମେଶ ଚନ୍ଦ୍ର ଶତପଥି ମଞ୍ଚ ସଂଯୋଜନା କରିଥିବା ବେଳେ ଶେଷରେ ଅଧ୍ୟାପକ ମନୋରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଧାନଚନ୍ଦ୍ର କଲେଜରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା

**ବିରିଡି, ୨୨।୧(ସମିସ):** ବିରିଡି ବ୍ଲକ ହାଜିପୁର ସ୍ଥିତ ଧାନଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଜଗନ୍ନାଥ ସଂସ୍କୃତି ପ୍ରଚାର ପ୍ରସାର କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ସରକାରଙ୍କ 'ଯୁବ-ଓ' ନବୀନ ଓଡ଼ିଶା ଆନୁକୂଲ୍ୟରେ ଏବଂ କଲେଜ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ଦେବ କଲ୍ୟାଣ ପଣ୍ଡା ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ପ୍ରମୋଦ ମିଶ୍ର, ପୀତାମ୍ବର ପତି, ଭାସ୍କର ଚନ୍ଦ୍ର ସାହୁ, ମହମ୍ମଦ ଅରସଦ ରାଜା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସୁପ୍ରଭା ଜେନା, ସରୋଜିନୀ ବରାଳ, ତୃପ୍ତିମୟୀ ଦାଶଙ୍କ ସମେତ କେଦାର ଚରଣ ଜେନା, ସୁମନ୍ତ ଦାସ, ସୁଦର୍ଶନ ବେହେରା, ରାଜେଶ ସେଠୀ ପରିଚାଳନା କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା।

## ଶିରିଡ଼ି ସାଇ ମନ୍ଦିର ପ୍ରତିଷ୍ଠା

**କେନ୍ଦ୍ରାପଡ଼ା, ୨୨।୧(ସମିସ):** କେନ୍ଦ୍ରପଡ଼ା ଜିଲ୍ଲା ତେଣ୍ଡାକୁଡା ପଞ୍ଚାୟତ ବସନ୍ତପୁରର ଶିରିଡି ସାଇ ଚାରିଟେବୁଲ ଟ୍ରଷ୍ଟର ୮ମ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସ୍କୁଲ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱରସ୍ଥିତ ଓୟୁଏଟିର ରେଜିଷ୍ଟ୍ରାର ରେଣୁବାଳା ନାୟକ ମୁଖ୍ୟ ଅତିଥି ଓ ଗରଦପୁର ବିଡିଓ ପ୍ରଦ୍ୟୁମ୍ନ ନାୟକ ସମ୍ମାନୀୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଶିକ୍ଷକ ପ୍ରସନ୍ନ ପାଲ ଓ ଅମିତାଭ ସାହୁ ପ୍ରତିଯୋଗିତା ପରିଚାଳନା କରିଥିଲେ। ପରିଚାଳନା ଟ୍ରଷ୍ଟି ଡଃ ରୁଦ୍ର ସୁନ୍ଦର ମହାନ୍ତି, ଟ୍ରଷ୍ଟି ଚଣ୍ଡୀ ପ୍ରସାଦ ମହାନ୍ତି, କସ୍ତୁରିକା ମହାନ୍ତି ଓ ଶୈଳଜାନନ୍ଦନ ମହାନ୍ତି ଉପସ୍ଥିତ ରହି ଅତିଥିମାନଙ୍କୁ ସମ୍ମାନୀତ କରିଥିଲେ।

**ଦିନିକିଆ ପ୍ରଦର୍ଶନୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ**

# ବ୍ଲକ ପ୍ରଶାସନକୁ ହରାଇ ସାମ୍ବାଦିକ ଟିମ୍ ଚାମ୍ପିଅନ୍



**ଡେରାବିଶ, ୨୨।୧(ସମିସ):** ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ମିନି ଷ୍ଟାଡିୟମରେ ଏକ ଦିନିକିଆ ପ୍ରଦର୍ଶନୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଡେରାବିଶ ବ୍ଲକ ପ୍ରଶାସନ ପକ୍ଷରୁ କରାଯାଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ବ୍ଲକ ପ୍ରଶାସନ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଓ ଜିଆରଏସ ଟିମ୍, ଡେରାବିଶ ପଞ୍ଚାୟତ ସମିତିର ପ୍ରତିନିଧି ଓ ସାମ୍ବାଦିକ ମାନଙ୍କ ମଧ୍ୟରେ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟକୁ ଡେରାବିଶ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ବିଡ଼ିଓ ଦାସରଥି ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ପରିଷଦ ସଦସ୍ୟ ଅରବିନ୍ଦ ମଳିକ, ଛୋଟି ସରପଞ୍ଚ ରଜନୀ ମଳିକ, ନରସିଂହପୁର ସରପଞ୍ଚ ସୁଧୀର କୁମାର ଖଟୁଆ, ରଘୁଦେଇପୁର ସରପଞ୍ଚ ଭକ୍ତିଲତା ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭଶ୍ରୀ ଦଳେଇ ଯୋଗଦେଇଥିଲେ। ଆଜି ପୂର୍ବାହ୍ନରେ ପ୍ରଥମେ ସମସ୍ତ ଖେଳାଳୀଙ୍କୁ ଉପାଧ୍ୟକ୍ଷ ଶ୍ରୀ ଆଚାର୍ଯ୍ୟ ଓ ବିଡ଼ିଓ ଶ୍ରୀ ଜେନା ସ୍ୱାଗତ କରିବା ପରେ ପ୍ରଥମେ ପଞ୍ଚାୟତ କାର୍ଯ୍ୟନିର୍ବାହୀ, ଜିଆରଏସ ଟିମ୍ ଓ ବ୍ଲକ ପ୍ରଶସନ ଟିମ୍ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାରେ ବ୍ଲକ ପ୍ରଶାସନ ଟିମ୍ ଫାଇନାଲକୁ ଉନ୍ନିତ ହୋଇଥିଲେ। ପରେ ପଞ୍ଚାୟତ ସମିତି ପ୍ରତିନିଧି ଟିମ୍ ଓ ସାମ୍ବାଦିକ ଟିମ୍ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ସାମ୍ବାଦିକ ଟିମ୍ ବିଜୟୀ ହୋଇଥିଲା। ତେବେ ଫାଇନାଲ୍‌କୁ ଉନ୍ନିତ ସାମ୍ବାଦିକ ଟିମ୍ ଓ ବ୍ଲକ ପ୍ରଶାସନ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ଲକ ପ୍ରଶାସନ ବ୍ୟାଟିଂ ନିଷ୍ପତି ନେଇ ନିର୍ଦ୍ଧାରିତ ୮ଓଭରରେ ୩ ଉଇକେଟ ହରାଇ ୮୦ରନ କରିଥିଲା। ଦଳ ପକ୍ଷରୁ ପ୍ରଶାନ୍ତ ଦାସ ସର୍ବାଧିକ ୫୬ରନ କରିଥିଲେ। ଏହାର ଜବାବରେ ସାମ୍ବାଦିକ ଟିମ୍ ନିର୍ଦ୍ଧାରିତ ଓଭର ମଧ୍ୟରେ ୪ ୱିକେଟ ବିନିମୟରେ ୮୧ରନ ସଂଗ୍ରହ କରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲେ। ସାମ୍ବାଦିକ ଟିମ୍ ପକ୍ଷରୁ ତ୍ରିଲୋଚନ ବେହେରା ସର୍ବାଧିକ ୩୨ରନ ସଂଗ୍ରହ କରି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପରେ ପରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବରେ ବିଡ଼ିଓ ଦାଶରଥି ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ ସାମ୍ବାଦିକ ଟିମ୍‌କୁ ଚାମ୍ପିଆନ ଟ୍ରଫି ଓ ରନର୍ସ ବ୍ଲକ ପ୍ରଶାସନ ଟିମ୍‌କୁ ରନର୍ସ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ଦାନପୁର ସମିତିସଭ୍ୟା ପ୍ରିୟତମା ଦାଶ, ରଘୁଦେଇପୁର ସମିତିସଭ୍ୟା ମନୋଲିସା ମଲିକ ଯୋଗ ଦେଇଥିଲେ। ସେହିପରି ଫାଇନାଲ ଖେଳରେ ଚିତାକର୍ଷକ ବ୍ୟାଟିଂ ପ୍ରଦର୍ଶନ କରିଥିବା ବ୍ଲକ ପ୍ରଶାସନ ଦଳର ପ୍ରଶାନ୍ତ କୁମାର ଦାସ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିବା ବେଳେ ଟୁର୍ଣ୍ଣାମେଣ୍ଟ ସାରା ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ସାମ୍ବାଦିକ ଦଳକୁ ଚମ୍ପିଆନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ ରସିଦ୍ ଆଲମ୍ ଖାଁଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା।

# ଆଇନଜୀବୀ ଦେବଦାସ ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳିସଭା



**କେନ୍ଦ୍ରାପଡ଼ା, ୨୨।୧(ସମିସ):** ବରିଷ୍ଠ ଆଇନଜୀବୀ ଦେବଦାସ ମହାନ୍ତି(ଟୁନୁ)ଙ୍କ ଏକାଦଶାହ ଅବସରରେ ପୌରାଞ୍ଚଳ ଅନ୍ତର୍ଗତ ମାଧପୁର ଅମର ଉଦ୍ୟାନ ପରିସରରେ ଆଜି ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ କରୁଣାକର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଅତିଥି ଭାବେ ଖା।ଦ୍ୟଯୋଗାଣ ଓ ଖା।ଉଟି କଲ୍ୟାଣ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, କେନ୍ଦ୍ରାପଡ଼ା ବିଧାୟକ ଶଶୀଭୂଷଣ ବେହେରା, କଟକ ମେୟର ସୁବାସ ସିଂ, ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ, ବିଜେଡି ନେତା ରବି ସାମଲ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ପୌରାଧ୍ୟକ୍ଷ ଧୀରେନ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁର୍ଗାଶିଷ ମହାନ୍ତି, ଜିଲ୍ଲାପରିଷଦ ସଦସ୍ୟା ମଧୁଛନ୍ଦା ମହାନ୍ତି, ଲିଲିତା ଦାସ, ଇଂ ଅଜୟ ବେହେରା, ପୂର୍ବତନ କାଉନସିଲର ହିରଣ୍ୟ ପଣ୍ଡା, ସାମ୍ବାଦିକ ପରେଶ ଦାସ, ରବିନାରାୟଣ ପତି, ମୁକ୍ତାର ଖାଁ, ସେକ୍ ଇନାୟତ(ଚନ୍ଦନ) ପ୍ରମୁଖଙ୍କ ସମେତ ବହୁ ସାଥୀ ଆଇନଜୀବୀ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣକରି ସ୍ମୃତି ଚାରଣ କରିବା ସହିତ ଅମର ଆତ୍ମାର ସଦଗତି କାମନା କରିଥିଲେ। ଟୁନୁ ବାବୁ ଜଣେ ଆଇନଜୀବୀ, ରାଜନେତା, ବନ୍ଧୁ ବତ୍ସଳ, ସ୍ନେହୀ ମେଳାପି ଏବଂ ଅମାୟିକ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ବୋଲି ଅତିଥୀମାନେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଏକ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।

# ଭାଷା ସାହିତ୍ୟ ଓ ସୃଜନଶୀଳତା କାର୍ଯ୍ୟକ୍ରମ

**କେନ୍ଦ୍ରାପଡ଼ା, ୨୨।୧(ସମିସ):** ରାଜ୍ୟ ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲ୍ଲା ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଭାଷା ସାହିତ୍ୟ ଓ ସୃଜନଶୀଳତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଓସ୍ତପୁର ଗ୍ରାମପଞ୍ଚାୟତର ଦେପୁର ସରସ୍ୱତୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କାଦମ୍ବିନୀ ନାୟକଙ୍କ ସଂଯୋଜନାରେ ଭାଷା ସାହିତ୍ୟ ଓ ସୃଜନଶୀଳତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୋ ବିଦ୍ୟାଳୟ ଅଭିଯାନର ସଭ୍ୟ ତଥା ଅବସରପ୍ରାପ୍ତ ଶିକ୍ଷାବିଭାଗ ନିରୀକ୍ଷକ ମଧୁସୂଦନ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋଜ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ସନାତନ ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତାଭାବେ ଅଭିମନ୍ୟୁ ନାୟକ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ପ୍ରକାଶ କରିବାରେ ଏହି ଭାଷା ସାହିତ୍ୟ ଓ ସୃଜନଶୀଳତା ଏକ ଅଙ୍ଗ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ମୋ ସ୍କୁଲ ଅଭିଯାନର ସଦସ୍ୟ / ସଦସ୍ୟା ପରିଚାଳନା କମିଟିର ସଭ୍ୟ ଏବଂ ନବମ ଏବଂ ଦଶମ ଶ୍ରେଣୀର ଅଭିଭାବକମାନେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତାକୁ ବୁଲିଦେଖିଥିଲେ। ଛାତ୍ର/ଛାତ୍ରୀମାନଙ୍କ ମଧ୍ୟରେ ବିଜ୍ଞାନ ପ୍ରକଳ୍ପ, ଚିତ୍ରାଙ୍କନ, ନୃତ୍ୟ, ଗୀତ, କବିତା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

● ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଏକ ମହାନ କାର୍ଯ୍ୟ

# କୁରାଳ ସଂଗଠନ ପକ୍ଷରୁ ସରକାରଙ୍କୁ ପ୍ରଶଂସା

**ମହାକାଳପଡ଼ା, ୨୨।୧(ସମିସ):** ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନସ୍ଥିତ ସେବାସଦନରେ ଓଡ଼ିଶାକୁରାଳ ମହାସଂଘ, ଓଡ଼ିଶା କୁରାଳ ସମାଜ ଏବଂ କୁରାଳ ଯୁବମଞ୍ଚ ଓଡ଼ିଶାର ମିଳିତ ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା। ଓଡ଼ିଶା କୁରାଳ ମହାସଂଘ ସଭାପତି ସରୋଜ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଉପ ସଭାପତି ରାମଚନ୍ଦ୍ର ମୁଦୁଲି, ଆର୍ଟିଷ୍ଟ ଶରତ ଚନ୍ଦ୍ର ମୁଦୁଲି, ଓଡ଼ିଶା କୁରାଳ ସମାଜ ର ସତ୍ୟାନନ୍ଦ ବେହେରା, କୁମ୍ଭାର ଯୁବାମଞ୍ଚର ସଭାପତି ସୁବୋଧ ରଣା ପ୍ରମୁଖ ମଞ୍ଚାସୀନ ଥିଲେ। ରାଜ୍ୟ ସରକାରଙ୍କ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଏକ ମହାନ କାର୍ଯ୍ୟକ୍ରମ ବୋଲି ସଭାରେ ଉପସ୍ଥିତ ସମସ୍ତ ସଦସ୍ୟ କହିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ '୫-ଟି' ଅଧ୍ୟକ୍ଷ ଭି କେ ପାଣ୍ଡିଆନଙ୍କୁ ପ୍ରଶଂସା କରିବା ସହିତ କୃତଜ୍ଞତା ଜଣାଇଥିଲେ। ଆସନ୍ତା ଫେବୃଆରୀରେ ପୁରୀରେ କୁରାଳ ମହାସଙ୍ଘର ରାଜ୍ୟ ମହାସମ୍ମିଳନୀ କରିବା ପାଇଁ ବୈଠକରେ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ମହାସଂଘ ସମ୍ପାଦକ ଜୟରାମ ସାହୁ, କଳାହାଣ୍ଡିର ସୁବୋଧ ରଣା, କଟକ ଜିଲ୍ଲା ସଭାପତି ଭାସ୍କର ବେହେରା, ସମ୍ପାଦକ ରବୀନ୍ଦ୍ର ବେହେରା, ନୂଆପଡ଼ାର ଇନ୍ଦଲ କୁମାର ରଣା, ପୁଣ୍ୟ ଶେଖର ରଣା, କୁଶଭଦ୍ର ରଣା, ମୟୁରଭଞ୍ଜର ମହେନ୍ଦ୍ରନାଥ ବେହେରା, ହୀରାଲାଲ ନାୟକ, ଯାଜପୁର ମହେନ୍ଦ୍ର ସାହୁ, ସଞ୍ଜୟ ବେହେରା, ପୁରୀର ଅଲେଖ ମୁଦୁଲି, ଶରତ ମୁଦୁଲି, କେନ୍ଦ୍ରାପଡ଼ାର ବିଚିତ୍ରାନନ୍ଦ ବେହେରା, ଜଗତସିଂହପୁରର ସମ୍ପାଦକ ପ୍ରଫୁଲ୍ଲ ବେହେରା, ଗୁଣନିଧି ବେହେରା, ପୁରୀର ଅଲେଖ ମୁଦୁଲି, ଢେଙ୍କାନାଳର କୃପାସିନ୍ଧୁ ମୁଦୁଲି, ଖୋର୍ଦ୍ଧାର ସଭାପତି ଗୌରାଙ୍ଗ ମୁଦୁଲି, ସମ୍ପାଦକ ପ୍ରଭାତ ମୁଦୁଲି, ହେମନ୍ତ ବେହେରା, ବିଶ୍ୱଜିତ ବେହେରା, ଚିତ୍ତରଞ୍ଜନ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଜିଲ୍ଲାସ୍ତରୀୟ ମକର ମହୋତ୍ସବ ଉଦ୍‌ଯାପିତ

## ଅର୍ଚ୍ଚିତା-ସବ୍ୟସାଚୀଙ୍କ ଡାଏଲଗ, ଦୀପ୍ତିରେଖାଙ୍କ ଗୀତରେ ଝୁମିଲେ ଦର୍ଶକ





**ମାର୍ଶାଘାଇ, ୨୨।୧(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ଜଳପୋକ ପଞ୍ଚାୟତ ପକ୍ଷରୁ ପଡ଼ିଆରେ ୭ଦିନ ଧରି ଅନୁଷ୍ଠିତ ହେଉଥିବା ଜିଲ୍ଲାସ୍ତରୀୟ ମକର ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ଲୁଣା କରକ୍ଷଣ୍ଡିଆ ନଦୀର ତ୍ରିକୋଣ ଭୂମି ଅଞ୍ଚଳରେ କୃଷିକୁ ପ୍ରାଧାନ୍ୟ ଦେଇ ସମଗ୍ର କେନ୍ଦ୍ରାପଡ଼ା ଅଞ୍ଚଳକୁ ପନିପରିବା ଯୋଗାଇ ସୁନାମ ଅର୍ଜନ କରିଥିବା ୩୦ଜଣ ବରିଷ୍ଠ ଚାଷୀଙ୍କୁ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା। ମହୋତ୍ସବ କମିଟି ସଭାପତି ମୃତ୍ୟୁଞ୍ଜୟ ମହାନ୍ତି ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସଭାରେ ବିଜେଡି ରାଜ୍ୟ ସମ୍ପାଦକ ରବି ସାମଲ, ଅବସର ପ୍ରାଧ୍ୟାପକ ଅଜୟ କୁମାର ରାଉତ, ବକ୍ତା ହୃଷିକେଶ ରଥ, ମେଜର ଭରତ ଚନ୍ଦ୍ର ଜେନା, ଅରକ୍ଷିତ ସାମନ୍ତରାୟ, କେଦାର ସାମନ୍ତରାୟ, ନୃସିଂହ ପରିଡ଼ା ପ୍ରମୁଖ ମଞ୍ଚାସୀନ ଥିଲେ। ମହୋତ୍ସବର ମୁଖ୍ୟ ସଂଯୋଜକ ତଥା କମିଟି ସମ୍ପାଦକ

**୩୦ ଚାଷୀ ସମ୍ବର୍ଦ୍ଧିତ**

ଅମରେନ୍ଦ୍ର ସାମଲ ଧନ୍ୟବାଦ ପ୍ରଦାନ କରିଥିଲେ। ଚଟପଟିଖାଦ୍ୟ ଷ୍ଟଲ, ଘରକରଣା ସାମଗ୍ରୀ ଦୋକାନ, ସମେତ ବେଲୁନ ଜମ୍ପ, ମିଠା ପାନ, ଠାରୁ ଆରମ୍ଭ କରି ଚାଇନିଜ ଖାଦ୍ୟ ଷ୍ଟଲରେ ପ୍ରବଳ ଭିଡ଼ ଲାଗିଥିଲା। ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକ କଲ୍ୟାଣ କାର୍ଯ୍ୟକ୍ରମର ବିଭିନ୍ନ ଫଟୋ ପ୍ରଦାର୍ଶନୀ ସହ ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଷ୍ଟଲ ଖୋଲା ଯାଇଥିଲା। ସିନେ କଳାକାର ଅର୍ଚ୍ଚିତା ସାହୁ ଏବଂ ସବ୍ୟସାଚୀଙ୍କ ଆକର୍ଷଣୀୟ ସିନେ ଡାଇଲଗ ଏବଂ ଅଭିନୟ ସହିତ ମେଲୋଡିର ତାଳେ ତାଳେ ଝୁମିଥିଲେ ଦର୍ଶକ। ବିଶିଷ୍ଟ କଣ୍ଠଶିଳ୍ପୀ ଦୀପ୍ତିରେଖାଙ୍କ ସୁଲଳିତ କଣ୍ଠର ଯାଦୁରେ ସଙ୍ଗୀତ ଏବଂ ସାଥିମାନଙ୍କ ନୃତ୍ୟ ସମଗ୍ର ମହୋତ୍ସବକୁ ରୋମାଞ୍ଚିତ କରିଥିଲା। ପ୍ରିୟ ରଞ୍ଜନ ରାଉତ, ଅଧ୍ୟାପକ ବିକାଶ ସ୍ୱାଇଁ, ବିଶ୍ୱଭୂଷଣ ମହାନ୍ତି, ବିଶ୍ୱରଞ୍ଜନ ରାଉତ, କିଶନ ସ୍ୱରୂପ ନାୟକ, ଜ୍ୟୋତିରଞ୍ଜନ ଜେନା, ଆଶିଷ ଛାଟୋଇ, ସୂର୍ଯ୍ୟକାନ୍ତ ବେହେରା ଭଗବାନ ଦାସ, ହୃଷିକେଶ ଦାସ, ରଶ୍ମିରଞ୍ଜନ ସାମଲ, ପ୍ରତାପ ଦାସ, ମନୋଜ ରାଉତ, ବ୍ରାହ୍ମଣାନନ୍ଦ ରାଉତ, ତନ୍ମୟ ପରିଡ଼ା, ବିନୋଦ ସ୍ୱାଇଁ ପ୍ରମୁଖ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

